# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଫେବୃୟାରୀ ୧/୨୦୧୯ (୨୦ ପୃଷ୍ଠା) | Bhubaneswar, Friday, February 1/ 2019 | ★★★★★★

୪୫ଶ ଭାଗ ୬୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-



DADLS - 263

ଓଡ଼ିଶା ସରକାର

## ମାନ୍ୟବର ମୁଖ୍ୟମନ୍ତ୍ରୀ
# ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ
# ସମ୍ବଲପୁର ଜିଲ୍ଲା ଗସ୍ତ

## ୧ ଫେବୃଆରୀ ୨୦୧୯ ॥ ଶୁକ୍ରବାର
ମଧ୍ୟାହ୍ନ: ୧୨.୦୦



### ଶୁଭ ଉଦ୍‌ଘାଟନ

**ନେଲ୍‌ସନ୍ ମାଣ୍ଡେଲା ଛକଠାରେ**
**୧୧୭.୭୨ କୋଟି ଟଙ୍କା ବ୍ୟୟରେ**
**ମହାନଦୀ ଉପରେ ନିର୍ମିତ ହାଇଲେଭ୍‌ଲ ସେତୁ**

ଦେଢ଼ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ଏହି ସେତୁ ଚାଉଁରପୁର, ଗୋଶାଳା ଏବଂ ଚିପିଲିମା ଅଞ୍ଚଳବାସୀଙ୍କୁ ସମ୍ବଲପୁର ସହର ସହ ସିଧାସଳଖ ସଂଯୁକ୍ତ କରିବ ଏବଂ ସଂପୃକ୍ତ ଅଞ୍ଚଳର ଗ୍ରାମବାସୀଙ୍କ ଜୀବନ ଜୀବିକା ନିମନ୍ତେ ସହାୟତା ପ୍ରଦାନ କରି ଅଞ୍ଚଳବାସୀଙ୍କ ସାମାଜିକ-ଅର୍ଥନୈତିକ ଉନ୍ନତି କ୍ଷେତ୍ରରେ ସହାୟକ ହେବ ।

ଏଥିସହିତ ମାନ୍ୟବର ମୁଖ୍ୟମନ୍ତ୍ରୀ ଜିଲ୍ଲାରେ **୧୦୦ କୋଟି** ଟଙ୍କା ବ୍ୟୟରେ ନିର୍ମିତ ୧୯ଟି ଅନ୍ୟାନ୍ୟ ଉନ୍ନୟନମୂଳକ ପ୍ରକଳ୍ପର ଶୁଭ ଉଦ୍‌ଘାଟନ କରିବା ସହ **୩୩୮ କୋଟି** ଟଙ୍କା ବ୍ୟୟ ଅଟକଳରେ ୧୪ଟି ଉନ୍ନୟନମୂଳକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବେ ।

ବିଜୁ ଯୁବ ବାହିନୀ
Biju Yuva Vahini

**ବିଜୁ ଯୁବବାହିନୀ ଆଞ୍ଚଳିକ ସମାବେଶରେ ଯୋଗଦାନ ଏବଂ ଉଦ୍‌ବୋଧନ**

15001/13/0566/1819










**ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗଦେବା ପାଇଁ ବିନମ୍ର ଅନୁରୋଧ**

**ସୂଚନା ଓ ଲୋକସଂପର୍କ ବିଭାଗ**

@CMO_Odisha | CMO.Odisha | @Naveen_Odisha



ରାଧାକୃଷ୍ଣଙ୍କୁ ତୁମେ ନ ମାନ ପଛକେ, ରାଧା ଆଉ କୃଷ୍ଣଙ୍କ ଆକର୍ଷଣକୁ ଗ୍ରହଣ କର। ଭଗବାନଙ୍କ ପାଇଁ ତୁମ ହୃଦୟରେ ସେହିଭଳି ବ୍ୟାକୁଳତା ପ୍ରକାଶ ପାଉ। ତାଙ୍କୁ ପାଇବା ପାଇଁ କେବଳ ବ୍ୟାକୁଳତା ଦରକାର।
- ଶ୍ରୀ ରାମକୃଷ୍ଣ ପରମହଂସ



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଓଡ଼ିଶା ଏମ୍ଏସ୍ଏମ୍ଇ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା-୨୦୧୯, ଇଉ୍କୋ ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ପୂର୍ବାହ୍ନ ୧୦ଟା।
- ଓଡ଼ିଶା ମିଳିତ ବିଦ୍ୟାଳୟ ପାଚିକା ସହାୟିକା ସଂଘ ପକ୍ଷରୁ ଧାରଣା, ଲୋୟର୍ ପିଏମ୍ଜି, ପୂର୍ବାହ୍ନ ୧୧ଟା।
- ଆଲୁମିନିୟମ୍ ଆସୋସିଏଶନ ଅଫ୍ ଇଣ୍ଡିଆ ପକ୍ଷରୁ 'ଆଲୁମିନିୟମ୍' ଉପରେ ଅନ୍ତର୍ଜାତୀୟ ସମ୍ମିଳନୀ, ହୋଟେଲ ସ୍ୱସ୍ତି ପ୍ରିମିୟମ୍, ପୂର୍ବାହ୍ନ ୧୧ଟା।
- କଲେଜ ଅଫ୍ ବେସିକ୍ ସାଇନ୍ସ ଆଣ୍ଡ ହ୍ୟୁମାନିଟିଜ୍, ଓୟୁଏଟିର ୫୪ତମ ବାର୍ଷିକ ଉତ୍ସବ, କଲେଜ ପରିସର, ପୂର୍ବାହ୍ନ ୧୧ଟା।
- 'ଆଦିବାସୀ ମେଳା-୨୦୧୯', ଇଉ୍କୋ ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ଅପରାହ୍ନ ୨ଟାରୁ ରାତି ୯ଟା।
- ରେଡ୍କ୍ରସ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ, କମ୍ୟୁନିଟି ସେଣ୍ଟର, ଶାସ୍ତ୍ରୀନଗର, ଡୁମୁଡୁମା, ଅପରାହ୍ନ ୨ଟା।
- ରାଜ୍ୟସ୍ତରୀୟ ଖଦି ଓ ଗ୍ରାମୋଦ୍ୟୋଗ ପ୍ରଦର୍ଶନୀ, ଓଡ଼ିଶା ଖଦି ବୋର୍ଡ କାର୍ଯ୍ୟାଳୟ ପରିସର, ଖାରବେଳ ନଗର, ଅପରାହ୍ନ ୩ଟାରୁ ରାତି ୯ଟା।
- କୃଷି କଲେଜ, ଓୟୁଏଟିର ବାର୍ଷିକ ଆଥ୍ଲେଟିକ ମିଟ୍, ବିଶ୍ୱବିଦ୍ୟାଳୟ ଫୁଟବଲ ପଡ଼ିଆ, ଅପରାହ୍ନ ୫ଟା।
- ଓଡ଼ିଶା ମିରର୍ର ସ୍ୱନକ୍ଷତ୍ର ଉତ୍ସବ, ସୂଚନା ଭବନ, ଅପରାହ୍ନ ୫ଟା।
- 'ନିନାଦ'ର ୧୪ଶ ବାର୍ଷିକ ଉତ୍ସବ, ଇଉ୍କଲ ଅଡିଟୋରିୟମ୍, ସନ୍ଧ୍ୟା ୬ଟା।

**କଟକ**

- ୧୩ଶ ବାର୍ଷିକ ଆଥ୍ଲେଟିକ ମିଟ୍, ରେଭେନ୍ଶା ବିଶ୍ୱବିଦ୍ୟାଳୟ ଖେଳ ପଡ଼ିଆ, ପୂର୍ବାହ୍ନ ୧୦ଟା।
- ସପ୍ତମ ଫେଡେରେଶନ କପ୍ ନ୍ୟାଶନାଲ ଏନ୍ବିସିଏଫ୍ଆଇ(ଟି୨୦) ଚାମ୍ପିୟନଶିପ୍ର ଉଦ୍ଯାପନୀ ଉତ୍ସବ, ନିମପୁର କ୍ରିକେଟ ଖେଳ ପଡ଼ିଆ, ଜଗତପୁର, ଅପରାହ୍ନ ୨ଟା ୩୦।ଶ

**ବାଲିପାଟଣା**

- ସାମ୍ୟବାଦୀ ନେତା ତଥା ସାହିତ୍ୟିକ ଭଗବତୀ ଚରଣ ପାଣିଗ୍ରାହୀଙ୍କ ଜୟନ୍ତୀ ପାଳନ, ଜନ୍ମପୀଠ ବିଶ୍ୱନାଥପୁର, ଅପରାହ୍ନ ୩ଟା ୩୦।

# ଯୁବତୀଙ୍କ ସୁନା ଚୋରି ନିଶା

### ସୋସିଆଲ ମିଡିଆରେ ସିସିଟିଭି ଫୁଟେଜ ଭାଇରାଲ



ଭୁବନେଶ୍ୱର, ୩୧।୧(ବ୍ୟୁରୋ)

ବେଶ ପୋଷାକରୁ ଜଣାପଡୁଛି ସେ ଜଣେ ସମ୍ଭ୍ରାନ୍ତ ଘରର ଝିଅ। କିନ୍ତୁ ସେହି ଚେହେରା ପଛରେ ଲୁଚିଛି ମନ୍ଦ ଉଦ୍ଦେଶ୍ୟ। ଜୁଏଲେରି ଦୋକାନକୁ ଯାଇ ସୁନା ଅଳଙ୍କାର ଲୁଟିବା ହେଉଛି ତାଙ୍କର ନିଶା। ଏଭଳି ଜଣେ ଲୁଟେରା ରାଜଧାନୀରେ ଚର୍ଚ୍ଚାର ବିଷୟ ପାଲଟିଛନ୍ତି। ଏକ ଜୁଏଲେରି ଦୋକାନରୁ ସୁନା ଚୋରି କରିବା ସମୟର ସିସିଟିଭି ଫୁଟେଜ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଏହାକୁ ନେଇ ସବୁଠି ଚର୍ଚ୍ଚା ଚାଲିଛି।

କ୍ୟାପିଟାଲ ଥାନା ଅନ୍ତର୍ଗତ ରାଜମହଲ ଛକ ଓଭରବ୍ରିଜ ନିକଟ ଗଳିରେ ରହିଛି ମନୋରଞ୍ଜନ ସ୍ୱାଇଁଙ୍କର ଶୁଭଲକ୍ଷ୍ମୀ ଜୁଏଲେରି। ଗତ ୨୯ ତାରିଖ ଅପରାହ୍ନ ପ୍ରାୟ ୫ଟା ୧୫ରେ ଜଣେ ଯୁବତୀ ତାଙ୍କ ଦୋକାନକୁ ଆସିଥିଲେ। ସେ ବ୍ଲାକ ଜିନ୍ସ ସାଙ୍ଗକୁ ଗୋଲାପି ରଙ୍ଗର ପୋଷାକ ପିନ୍ଧିଥିଲେ। ମୁଣ୍ଡରେ କଳାରଙ୍ଗର ଟୋପି ଥିଲା। ସେ ଦୋକାନୀଙ୍କୁ ତାଙ୍କ ବାପାଙ୍କ ପାଇଁ ମୁଦି ଦେଖାଇବା ପାଇଁ କହିଥିଲେ। ମନୋରଞ୍ଜନ ବଡ ସୁନା ବେପାରୀ ହୋଇ ନ ଥିବାରୁ ସେ ଅନ୍ୟ ଜୁଏଲେରିରୁ ଗହଣା ଆଣି ଗ୍ରାହକଙ୍କୁ ବିକ୍ରି କରନ୍ତି। ତେଣୁ ସେ ଯୁବତୀଙ୍କ ପାଇଁ ମୁଦି ଆଣିବାକୁ ଅନ୍ୟ ଦୋକାନକୁ ଯାଇଥିଲେ ଏବଂ ତାଙ୍କୁ ଦୋକାନ ଉପରେ ନଜର ରଖିବାକୁ କହିଥିଲେ। ସେତେବେଳେ ସମୟ ୫ଟା ୨୦ ହୋଇଥିଲା। ତେବେ ମନୋରଞ୍ଜନ ଯିବା ପରେ ଯୁବତୀ ଜଣକ ନିଜର ଅସଲ ଉଦ୍ଦେଶ୍ୟ ଦେଖାଇଥିଲେ। ସେ ଦୋକାନର କ୍ୟାଶ୍ ବକ୍ସକୁ ଖୋଲିବାକୁ ଉଦ୍ୟମ କରିଥିଲେ। କିନ୍ତୁ ତାହା ଖୋଲି ନ ଥିଲା। ପରେ ସେ ଗ୍ଲାସ୍ ଡୋର୍ ଖୋଲି ୨୦୦ ଗ୍ରାମର କାନଝରା ନେଇ ନିଜ ଟୋପିରେ ଲୁଚାଇ ଦେଇଥିଲେ। କିଛି ସମୟ ପରେ ମୋବାଇଲରେ କଥା ହୋଇ ଚାଲିଯାଇଥିଲେ। କିନ୍ତୁ ସେସବୁ ଇମିଟେଶନ ବୋଲି ଜାଣି ନ ଥିଲେ। ଅପରାହ୍ନ ପ୍ରାୟ ୫ଟା ୪୫ରେ ମନୋରଞ୍ଜନ ଦୋକାନକୁ ଫେରିଥିଲେ। ସେତେବେଳେ ଯୁବତୀ ଜଣକ ନ ଥିଲେ। ଅନ୍ୟପଟେ ଯୁବତୀ ଜଣକ ଚୋରି କରିନେଇଥିବା ଅଳଙ୍କାର ଇମିଟେଶନ ବୋଲି ଜାଣିବା ପରେ ପୁଣି ମୁଦି ନେବା ବାହାନାରେ ଦୋକାନକୁ ଆସିଥିଲେ। ମନୋରଞ୍ଜନ ତାଙ୍କୁ ମୁଦି ଦେଖାଇଥିଲେ। ମନୋରଞ୍ଜନ ମୁଦି ଓଜନ କରିବା ସମୟରେ ଯୁବତୀ ଜଣକ ୨ଟି ମୁଦି ଟୋପି ଭିତରେ ଲୁଚାଇ ଦେଇଥିଲେ। ପରେ ମୁଦି ପସନ୍ଦ ହେଉନି ବୋଲି କହି ଚାଲିଯାଇଥିଲେ। ପରେ ସେ ନିକଟରେ ଥିବା ଅନ୍ୟ ଦୋକାନକୁ ଯାଇ ସୁନା ମୁଦି ବଦଳାଇ ଟଙ୍କା ନେବାକୁ କହିଥିଲେ। ହେଲେ ଦୋକାନୀ ମନା କରିବାରୁ ସେଠାରୁ ଫେରିଯାଇଥିଲେ। ଏହାର ପ୍ରାୟ ୧୦ ମିନିଟ ପରେ ମନୋରଞ୍ଜନ ଆଣିଥିବା ମୁଦି ମଧ୍ୟରୁ ୨ଟି ମୁଦି ନ ଥିବା ଏବଂ ଦୋକାନରୁ କାନ ଝରା ଗାଏବ ହୋଇଯାଇଥିବା ଦେଖିଥିଲେ। ଏ ନେଇ ସେ କ୍ୟାପିଟାଲ ଥାନାକୁ ଯାଇ ଅଭିଯୋଗ କରିଥିଲେ। କିନ୍ତୁ ପୋଲିସ ଅଭିଯୋଗ ନ ରଖି ତାଙ୍କୁ ଫେରାଇ ଦେଇଛି। ଏ ବିଷୟରେ ଥାନା ଅଧିକାରୀ ମାନସ ଗଡନାୟକଙ୍କୁ ପଚାରିବାରୁ ସେ କହିଲେ, ଅଭିଯୋଗ ବିଷୟରେ ଜାଣି ନାହିଁ। ସିସିଟିଭି ଫୁଟେଜ ଯାଞ୍ଚ କରିବା ପରେ ଉକ୍ତ ଯୁବତୀଙ୍କୁ ଗିରଫ କରାଯିବ।

## ସିଡ୍ ମନି ପାଇଲେ ୧୪ ସଫଳ ଷ୍ଟାର୍ଟ ଅପ୍



ଭୁବନେଶ୍ୱର,୩୧।୧

ଓଡ଼ିଶା ଷ୍ଟାର୍ଟଅପ୍ଯାତ୍ରା କାର୍ଯ୍ୟକ୍ରମ ଅନ୍ତର୍ଗତ ରାଜ୍ୟର ୧୪ ସଫଳ ଇନକ୍ୟୁବେଟେଡ ଷ୍ଟାର୍ଟ ଅପ୍କୁ ଗୁରୁବାର ୫୦ ହଜାର ଟଙ୍କା ଲେଖାଏ ସିଡ୍ ମନି ପ୍ରଦାନ କରାଯାଇଛି। ଓଡ଼ିଶା ଏମ୍ଏସ୍ଏମ୍ଇ ଇଣ୍ଟରନ୍ୟାଶନାଲ ଟ୍ରେଡ୍ ଫେୟାରଠାରେ ଅନୁଷ୍ଠିତ 'ଷ୍ଟାର୍ଟ ଅପ୍ ଓଡ଼ିଶା ;ଆଗକୁ ଯାତ୍ରା' କର୍ମଶାଳାରେ ରାଜ୍ୟ ଦକ୍ଷତା ବିକାଶ କର୍ତ୍ତୃପକ୍ଷର ଅଧ୍ୟକ୍ଷ ସୁବ୍ରତ ବାଗ୍ଚୀ ସଂସ୍ଥାଗୁଡ଼ିକୁ ଏହି ଅର୍ଥରାଶି ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ୩୦୦ ଷ୍ଟାର୍ଟ ଅପ୍ , ଇନକ୍ୟୁବେଟର, ଶିକ୍ଷାବିତ ଏବଂ ମେଣ୍ଟର ଯୋଗ ଦେଇଥିବା ବେଳେ ବାଗ୍ଚୀ ପରବର୍ତ୍ତୀ ପିଢିର ଉଦ୍ୟୋଗୀଙ୍କୁ ସଫଳତାର ୬ ମନ୍ତ୍ର ଶିଖାଇଥିଲେ। ସମସ୍ୟା ପ୍ରତି ଧ୍ୟାନ, ମୂଲ୍ୟ ପ୍ରଦାନ କରୁଥିବା ପ୍ରକୃତ ଗ୍ରାହକ ଅନ୍ୱେଷଣ, ବିକ୍ରୟ ଶୈଳୀ ଶିକ୍ଷା କରି ନିଜ ଉତ୍ପାଦ ବିକ୍ରି, ଉତ୍ତମ ପ୍ରଶାସନିକ ନୀତି ଅବଲମ୍ୱନ, ଦୀର୍ଘ ମିଆଦୀ ପ୍ରତିଶ୍ରୁତି ଏବଂ କଠିନ ସମସ୍ୟା ପ୍ରତି ଧ୍ୟାନ ଭଳି ୬ ପ୍ରସଙ୍ଗରେ ଏଥିରେ ବାଗ୍ଚୀ ଗୁରୁତ୍ୱାରୋପ କରିଥିଲେ।

୨୦ ମାସର ଷ୍ଟାର୍ଟ ଅପ୍ ଯାତ୍ରା ସମ୍ପର୍କରେ ଏମ୍ଏସ୍ଏମ୍ଇ ବିଭାଗର ସ୍ୱତନ୍ତ୍ର ସଚିବ ଏଲ୍.ଏନ୍. ଗୁପ୍ତା ସୂଚନା ଦେଇଥିଲେ। ନବପ୍ରବର୍ତ୍ତନକୁ ଉତ୍ସାହିତ କରିବା ଲାଗି ରାଜ୍ୟ ସରକାର ଷ୍ଟାର୍ଟ ଅପ୍ ଏବଂ ଇନକ୍ୟୁବେଟରଙ୍କୁ ୬.୮ କୋଟି ଟଙ୍କାର ୬୧ଟି ଆର୍ଥିକ ଅନୁଦାନ ପ୍ରଦାନ କରିଥିବା ସେ ପ୍ରକାଶ କରିଛନ୍ତି। ଷ୍ଟାର୍ଟ ଅପ୍ଗୁଡ଼ିକୁ ସହାୟତା ପାଇଁ ନୀତିରେ ସଂଶୋଧନ, ବ୍ୟାଙ୍କିଙ୍ଗ୍ ଓ ଶ୍ରମ କ୍ଷେତ୍ରରେ ସଂସ୍କାର, ନୂଆ ଚିନ୍ତାଧାରା ଉପରେ ଜୋର ଦେବାକୁ କାର୍ଯ୍ୟକ୍ରମରେ ମିଲ୍କ ମନ୍ତ୍ରା ସିଇଓ ଶ୍ରୀକୁମାର ମିଶ୍ର ମତ ରଖିଥିଲେ। ଏଥିରେ ଓକାକ ସିଇଓ ଆର୍.ଏନ୍ ପଲାଇ, ନିଓଟିଆ ଇନକ୍ୟୁବେଶନର ସୁରଜିତ ରାୟ, ବିମ୍ଟେକ ନୋଏଡାର ଚିତ୍ରାଂଶ ବର୍ମା, ହେମଲତା ହସ୍ପିଟାଲର ଅଧ୍ୟକ୍ଷ ଏସ୍.କେ. ରଥ, ୟୁସିସିଆଇ ଯୁଗ୍ମ ସଚିବ ସଞ୍ଜୀବ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

■ ବ୍ଲାଙ୍କ୍ ଚେକ୍ ଲଗାଇ ଠକେଇ ଉଦ୍ୟମ ମାମଲା

# ହାଜର ହେବାକୁ ଅଳଙ୍କାର ଦୋକାନୀଙ୍କୁ ନୋଟିସ

କଟକ ଅଫିସ, ୩୧।୧

ଅଢେଇ ଲକ୍ଷ ଟଙ୍କାର ସୁନା ଅଳଙ୍କାର ଆଣି ଅଳଙ୍କାର ଦୋକାନୀଙ୍କୁ ୯୮ ହଜାର ଟଙ୍କା ଦେଇଥିଲେ ମଙ୍ଗଳାବାଗ ଥାନା ଅନ୍ତର୍ଗତ ନାୟକ ସାହି ଅଞ୍ଚଳରେ ରହୁଥିବା ମୋନାଲିସା ନାୟକ। ବାକି ଟଙ୍କା ଶୁଝିବା ପାଇଁ ମୋନାଲିସା କିଛି ମାସ ସମୟ ନେବା ସହ ୪ ଟି ବ୍ଲାଙ୍କ ଚେକ୍ ଦେଇଥିଲେ। ନିର୍ଦ୍ଧାରିତ ସମୟରେ ମୋନାଲିସା ବାକି ଟଙ୍କା ପରିଶୋଧ କରିଥିଲେ ମଧ୍ୟ ଦୋକାନୀଙ୍କଠାରୁ ଦେଇଥିବା ବ୍ଲାଙ୍କ୍ଚେକ୍ ଆଣିପାରି ନ ଥିଲେ। ମାତ୍ର ଦୋକାନୀ ଜଣକ ମୋନାଲିସାଙ୍କ ବ୍ଲାଙ୍କ୍ ଚେକ୍କୁ ବ୍ୟାଙ୍କରେ ଲଗାଇ ଦେଇଥିଲେ। ୨ ଲକ୍ଷ ୨୬ ହଜାର, ୨ଲକ୍ଷ ୫ ହଜାର, ୨ ଲକ୍ଷ ୭୪ ହଜାର, ୨ଲକ୍ଷ ୬୦ହଜାର ଟଙ୍କାର ମୋଟ ୪ଟି ଚେକ୍ ବ୍ୟାଙ୍କରେ ଲଗାଇଥିଲେ। ମାତ୍ର ଚେକ୍ଗୁଡିକ ବାଉନ୍ସ ହେବା ପରେ ବ୍ୟାଙ୍କରୁ ମୋନାଲିସାଙ୍କ ପାଖକୁ ନୋଟିସ ଯାଇଥିଲେ। ମୋନାଲିସା ଠକେଇର ଶିକାର ହୋଇଥିବା ଜାଣି କଟକ ଜିଲା ଏସ୍ଡିଜେମ୍ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗ ଆଧାରରେ କୋର୍ଟ ଏକ ମାମଲା (ନଂ.୭୦/୧୯)ରୁଜୁ କରିବା ସହ ଏହାର ଶୁଣାଣି କରି ମଙ୍ଗଳାବାଗ ଅଞ୍ଚଳରେ ରହୁଥିବା ସୁନା ଦୋକାନୀ ଭାନୁପ୍ରତାପ ମହାରଣାଙ୍କୁ ହାଜର ହେବାକୁ ନୋଟିସ ଜାରି କରିଛନ୍ତି। ଏଥିସହ ଏହାର ପରବର୍ତ୍ତୀ ଶୁଣାଣି ତାରିଖ ଆସନ୍ତା ଫେବୃୟାରୀ ୧୧ ତାରିଖ ଧାର୍ଯ୍ୟ କରିଛନ୍ତି।

# ଲାଞ୍ଚ ନେଇ ପୋଲିସ ଏଏସ୍ଆଇ ଗିରଫ

କଟକ ଅଫିସ, ୩୧।୧

୫ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ଯାଜପୁର ଜିଲା ଟମକା ଥାନା ଏଏସ୍ଆଇ ବିଜୟ କୁମାର ଦାସ। ସେ ସ୍ଥାନୀୟ ଜଇନ୍ଦା ଗ୍ରାମର ଅମରେନ୍ଦ୍ର ରାୟଙ୍କଠାରୁ ଏହି ଲାଞ୍ଚ ଗ୍ରହଣ କରୁଥିଲେ। କେସ୍ ନଂ.୪/୨୦୧୯ରେ ପକ୍ଷଭୁକ୍ତ ଥିବା ଅମରେନ୍ଦ୍ରଙ୍କୁ କୋର୍ଟଚାଲାଣ ନ କରି ଥାନାରୁ ବେଲ୍ରେ ଛାଡ଼ିଦେବା ପାଇଁ ଏଏସ୍ଆଇ ଦାସ ଅମରେନ୍ଦ୍ରଙ୍କଠାରୁ ଏହି ଲାଞ୍ଚ ଦାବି କରିଥିଲେ। ଗୁରୁବାର ଥାନା ଭିତରେ ଏଏସ୍ଆଇ ଦାସ ଅମରେନ୍ଦ୍ରଙ୍କଠାରୁ ଉକ୍ତ ଲାଞ୍ଚ ଟଙ୍କା ଗ୍ରହଣ କରୁଥିବାବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ କାବୁ କରିଥିଲେ। ଏହାପରେ ଏଏସ୍ଆଇ ଦାସଙ୍କ କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ଥାନା ଅଧୀନ ଗୋପୀନାଥପୁର ଗ୍ରାମରେ ଥିବା ଘରକୁ ଭିଜିଲାନ୍ସ ଯାଞ୍ଚ କରିଥିଲା। ଏ ସମ୍ପର୍କରେ କଟକ ଭିଜିଲାନ୍ସ ଥାନାରେ ୪/୨୦୧୯ରେ ଏକ ମାମଲା ରୁଜୁ କରାଯାଇ ଏଏସ୍ଆଇ ଦାସଙ୍କୁ ଗିରଫ କରାଯାଇଛି।

## ହାଇକୋର୍ଟରେ ଯୋଗଦେବେ ଜଷ୍ଟିସ ପ୍ରମଥ ପଟ୍ଟନାୟକ

କଟକ ଅଫିସ, ୩୧।୧

ଫେବୃୟାରୀ ୧୩ ସୁଦ୍ଧା ଓଡ଼ିଶା ହାଇକୋର୍ଟରେ ବିଚାରପତି ଭାବେ ଯୋଗଦେବେ ଜଷ୍ଟିସ ପ୍ରମଥ ପଟ୍ଟନାୟକ। ନିକଟରେ ଜଷ୍ଟିସ ପଟ୍ଟନାୟକଙ୍କୁ ଝାଡ଼ଖଣ୍ଡ ହାଇକୋର୍ଟରୁ ଓଡ଼ିଶା ହାଇକୋର୍ଟକୁ ବଦଳି କରାଯାଇଥିଲା। ସୂଚନା ଥାଉକି, ଜଷ୍ଟିସ ପଟ୍ଟନାୟକ ଓଡ଼ିଶା ହାଇକୋର୍ଟରେ ଅତିରିକ୍ତ ବିଚାରପତି ଭାବେ ୨୦୧୪ ସେପ୍ଟେମ୍ବର ୨୪ରେ ଯୋଗଦେଇଥିଲେ। ଏଠାରେ ୩ ମାସ କାର୍ଯ୍ୟ କରିବା ପରେ ୨୦୧୪ ଡିସେମ୍ବର ୨୨ରେ ତାଙ୍କୁ ଝାଡ଼ଖଣ୍ଡ ହାଇକୋର୍ଟକୁ ବଦଳି କରାଯାଇଥିଲା।

# ଆଇନଜୀବୀଙ୍କ ଘରକୁ ସିରିଜ୍ ବୋମାମାଡ଼

### ଖୋର୍ଦ୍ଧା ବାର୍ ଆସୋସିଏଶନ ପକ୍ଷରୁ କାର୍ଯ୍ୟବନ୍ଦ ଆନ୍ଦୋଳନ

ଖୋର୍ଦ୍ଧା ଅଫିସ,୩୧।୧

ଖୋର୍ଦ୍ଧା ଆଦର୍ଶ ଥାନା ଅନ୍ତର୍ଗତ ଜେମାଦେଈ ଗ୍ରାମର ଆଇନଜୀବୀ ସତ୍ୟକାମ ମହାପାତ୍ରଙ୍କ ଘର ଉପରକୁ ସିରିଜ୍ ବୋମାମାଡ଼ ହୋଇଛି। ଏ ନେଇ ସତ୍ୟକାମ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ଏହାର ପ୍ରତିବାଦରେ ଖୋର୍ଦ୍ଧା ବାର ଆସୋସିଏଶନ ପକ୍ଷରୁ ଗୁରୁବାର କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଇଥିଲା। ଅଭିଯୁକ୍ତଙ୍କୁ ଚିହ୍ନଟ ସହ ଗିରଫ, ବିପର୍ଯ୍ୟସ୍ତ ଆଇନ୍ଶୃଙ୍ଖଳାର ସୁଧାର ଆଣିବା ଉଦ୍ଦେଶ୍ୟରେ ଖୋର୍ଦ୍ଧା ଜିଲା ଓକିଲ ସଂଘ ପକ୍ଷରୁ ଏସ୍ପି ଦୀପ୍ତିରଞ୍ଜନ ରାୟଙ୍କୁ ସ୍ମାରକପତ୍ର ଦିଆଯାଇଛି। ସତ୍ୟକାମଙ୍କ ଅଭିଯୋଗ ଅନୁଯାୟୀ, ବୁଧବାର ରାତି ପ୍ରାୟ ସାଢେ ୧୧ଟାରେ କେହି ଦୁର୍ବୃତ୍ତ ତାଙ୍କ ଘର ପାଖ ଅଳିଆ ଗଦାରେ ନିଆଁ ଲଗାଇଦେଇଥିଲେ। ପରିବାର ଲୋକେ ନିଆଁ ଲିଭାଇ ଘରକୁ ଆସି ବିଶ୍ରାମ ନେଇଥିଲେ। ତେବେ ରାତି ପ୍ରାୟ ୧ଟା ୧୦ରେ କେହି ଦୁର୍ବୃତ୍ତ ତାଙ୍କ ଘର ଉପରକୁ ୫ଟି ବୋମାମାଡ଼ କରି ଫେରାର ହୋଇଯାଇଥିଲେ। ଏଥିରେ କାହାର କିଛି କ୍ଷତି ହୋଇ ନ ଥିବା ବେଳେ ଦ୍ୱିତୀୟ ମହଲା ଘରର କାନ୍ଥ, କବାଟ ଓ ଝରକା କ୍ଷତିଗ୍ରସ୍ତ ହୋଇଛି। ଏ ନେଇ ସତ୍ୟକାମ ଗୁରୁବାର ଖୋର୍ଦ୍ଧା ଆଦର୍ଶ ଥାନାରେ ଅଭିଯୋଗ କରିବା ସହ ଏସ୍ପିଙ୍କୁ ଜଣାଇଛନ୍ତି। ବୋମା ପକାଇବା ଘଟଣାରେ ପୋଲିସ ଜେମାଦେଈର ସୁଚିତ୍ରା ମହାପାତ୍ର ଓ ଝିଅ ଲିଶା ମହାପାତ୍ର, ମୁକୁନ୍ଦପ୍ରସାଦର ସୁରଥ ଦଳବେହେରାଙ୍କ ନାଁରେ ୩୦୭, ୨୯୪, ୫୦୬, ୪୨୭, ୩୪ ଆଇପିସି, ୪ବି ବିସ୍ଫୋରକ ଦ୍ରବ୍ୟ ଆଇନ ନଂ.୨୯/୧୯ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନାଥାଉକି, ସତ୍ୟକାମଙ୍କ ପରିବାର ସହ ଏକ ଗଣ୍ଡଗୋଳ ଘଟଣାରେ ସୁଚିତ୍ରାଙ୍କ ମା' ମଞ୍ଜୁଲତା ଜେଲରେ ଅଛନ୍ତି। ମଞ୍ଜୁଲତାଙ୍କ ଜେଲ ଯିବା ଘଟଣାକୁ ନେଇ ବିଭିନ୍ନ ସମୟରେ ସତ୍ୟକାମଙ୍କ ପରିବାର ସଦସ୍ୟଙ୍କୁ ଧମକ ମିଳୁଥିଲା। ଗତ ୨୮ ତାରିଖ ସନ୍ଧ୍ୟାରେ ସୁଚିତ୍ରା ଓ ଝିଅ ଲିସା ଗାଳିଗୁଲଜ କରିବା ସହ ବୋମା ପକାଇ ଉଡାଇ ଦେବେବୋଲି ଧମକ ଦେଇଥିଲେ। ପରେ ପରେ ବୋମାମାଡ ହୋଇଥିବାରୁ ପରିବାର ସଦସ୍ୟଙ୍କ ଜୀବନ ପ୍ରତି ବିପଦ ରହିଛି ବୋଲି ସତ୍ୟକାମ ତାଙ୍କ ଅଭିଯୋଗ ଫର୍ଦ୍ଦରେ ଦର୍ଶାଇଛନ୍ତି।



ବୋମାମାଡ଼ରେ କ୍ଷତିଗ୍ରସ୍ତ ହୋଇଥିବା ଘର ।



ଭୁବନେଶ୍ୱର ସପ୍ତମ ବାଟାଲିୟନଠାରେ ଗୁରୁବାର ଅପରାହ୍ନରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଧ୍ୱଜାବତରଣ ଉତ୍ସବ।

# ରାଜ୍ୟସ୍ତରୀୟ ଧ୍ୱଜାବତରଣ ଉତ୍ସବ

### ସର୍ବଭାରତୀୟ ପୋଲିସ ବ୍ୟାଣ୍ଡ ପ୍ରତିଯୋଗିତାରେ ଭାଗନେବ ଓଡିଶା ପୋଲିସ ଟିମ୍: ଡିଜିପି

ଭୁବନେଶ୍ୱର, ୩୧।୧(ବ୍ୟୁରୋ)

ରାଜ୍ୟସ୍ତରୀୟ ଧ୍ୱଜାବତରଣ ଉତ୍ସବ ଭୁବନେଶ୍ୱର ସପ୍ତମ ବାଟାଲିୟନଠାରେ ଗୁରୁବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ପୋଲିସ ଡିଜି ଆର. ପି. ଶର୍ମା, ଗୃହ ସଚିବ ଏବଂ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ରହିଥିଲେ। ଧ୍ୱଜାବତରଣ ଏକ ପାରମ୍ପରିକ ଉତ୍ସବ। ସାଧାରଣତନ୍ତ୍ର ଦିବସ ପାଳନର ଆନୁଷ୍ଠାନିକ ପରିସମାପ୍ତି ଧ୍ୱଜାବତରଣ ଦିବସ ପାଳନ ସହ ଘଟିଥାଏ।

ଧ୍ୱଜାବତରଣ ଅବସରରେ ଜାତୀୟ ସଙ୍ଗୀତ ପରିବେଷଣ ପରେ ବିଭିନ୍ନ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। କୋରାପୁଟ ତୃତୀୟ ବାଟାଲିୟନ ପକ୍ଷରୁ ପାଇପ୍ ବ୍ୟାଣ୍ଡ ମାର୍ଚ୍ଚପାଷ୍ଟ, ରାଉରକେଲା ଚତୁର୍ଥ ବାଟାଲିୟନ ଦ୍ୱାରା ଡ୍ରମ କଲ୍ ମାର୍ଚ୍ଚ ପରେ ଷ୍ଟ୍ରିଙ୍ଗ ବ୍ୟାଣ୍ଡ ଏବଂ ବ୍ରାସ ବ୍ୟାଣ୍ଡ ମାର୍ଚ୍ଚପାଷ୍ଟ, ରଙ୍ଗିନ ଆତସବାଜି କରାଯାଇଥିଲା। ଅପରାହ୍ନ ୫ଟା ୪୦ରେ ପତାକା ଅବତରଣ କରାଯାଇଥିଲା। ପରବର୍ତ୍ତୀ ସମୟରେ ଷଷ୍ଠ ଭାରତୀୟ ରିଜର୍ଭ ବାଟାଲିୟନ ଖୋର୍ଦ୍ଧା ତରଫରୁ ପାଇକ ନାଚ, ଚତୁର୍ଥ ଭାରତୀୟ ରିଜର୍ଭ ବାଟାଲିୟନ ରାଉରକେଲା ତରଫରୁ ନାଗପୁରୀ ଡ୍ୟାନ୍ସ, ଦ୍ୱିତୀୟ ଭାରତୀୟ ରିଜର୍ଭ ବାଟାଲିୟନ ରାୟଗଡା ତରଫରୁ ଢେମ୍ସା ନୃତ୍ୟ ଏବଂ ଓଏସ୍ଏପି ସମ୍ବଲପୁର ପ୍ରଥମ ବାଟାଲିୟନ ତରଫରୁ ସମ୍ବଲପୁରୀ ନାଚ ପରିବେଷଣ କରାଯାଇଥିଲା। ଏହି ଅବସରରେ ପୋଲିସ ଡିଜି ଆର.ପି. ଶର୍ମା କହିଲେ, ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ଧ୍ୱଜାବତରଣ ଉତ୍ସବ ପାଳନ କରାଯାଇଛି। ପୋଲିସର ୨୯ଟି ବିଭାଗରୁ ପ୍ରାୟ ୫୨୫ କର୍ମଚାରୀ ଭାଗ ନେଇଥିଲେ। ଆସନ୍ତା ୪ ତାରିଖରେ ଜମ୍ମୁ-କଶ୍ମୀରରେ ସର୍ବଭାରତୀୟ ପୋଲିସ ବ୍ୟାଣ୍ଡ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଓଡିଶା ପୋଲିସ ପକ୍ଷରୁ ଏକ ଟିମ୍ ଏଥିରେ ଭାଗନେବ।

## ଫଟୋରେ ଖବର



ସାହିତ୍ୟ ପତ୍ରିକା ଚିରସମର୍ଥାର ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ଭାରତୀୟ ବିଦ୍ୟାଭବନରେ ଗୁରୁବାର ଶଙ୍କର୍ଷଣ ପଣ୍ଡାଙ୍କ ବିଦେଶ ଭ୍ରମଣ ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି ।



ଭୁବନେଶ୍ୱର ରବୀନ୍ଦ୍ରମଣ୍ଡପରେ ଗୁରୁବାର ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମ ଶ୍ରୀଜଗନ୍ନାଥାୟନରେ ପରିବେଷିତ ନାଟକ 'ଭକ୍ତ ରଘୁ ଅରକ୍ଷିତ'ନାଟକର ଏକ ଦୃଶ୍ୟ ।



ହେ ପ୍ରାଣୀ ନିଜ ଆତ୍ମା ସହିତ ଯୁଦ୍ଧ କର। ବାହାର ଲୋକଙ୍କ ସହିତ ଯୁଦ୍ଧକରି କିଛି ଲାଭନାହିଁ। ଦୁଷ୍ଟ ଆତ୍ମା ସମାନ ଯୁଦ୍ଧଯୋଗ୍ୟ ଦ୍ୱିତୀୟ ବସ୍ତୁ ନାହିଁ।
- ମହାବୀର



## ସଂକ୍ଷେପରେ

### ରେଭେନ୍ସା ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ଉତ୍ସବ ୫ରେ

କଟକ ଅଫିସ,୩୧।୧:
ରେଭେନ୍ସା ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ ଆସନ୍ତା ୫ ତାରିଖରେ ସେଭେନ ପିଲାର ଅଫ୍ ୱିଜ୍‌ଡମ୍ ନୂତନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହେବ। ଏହି ଅବସରରେ ୬୪ଜଣଙ୍କୁ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯିବ ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ ଘୋଷଣା କରାଯାଇଛି। ସ୍ନାତକରେ ୨୯ଜଣ, ସ୍ନାତକୋତ୍ତରରେ ୩୦ଜଣ, ବୋରାସମ୍ବର ପ୍ରତିଯୋଗିତାରେ ୩ଜଣ ଓ ଶ୍ରେଷ୍ଠ ସ୍ନାତକ ୨ଜଣ ଏହି ସ୍ୱର୍ଣ୍ଣ ପଦକ ପାଇବେ। ଏହାଛଡ଼ା ୭୮ଜଣଙ୍କୁ ପିଏଚ୍‌ଡି ଡିଗ୍ରୀ ଓ ୨ଜଣଙ୍କୁ ଡକ୍ଟରେଟ ଉପାଧି ଦିଆଯିବ। ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ କେନ୍ଦ୍ର ସରକାରଙ୍କ ଡିପାର୍ଟମେଣ୍ଟ ଅଫ୍ ବାୟୋଟେକ୍ନୋଲୋଜିର ସମ୍ପାଦିକା ରେଣୁ ସ୍ୱରୂପ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

### ହଳଦୀପଡ଼ିଆ ବସ୍ତିରୁ ବ୍ରାଉନସୁଗାର ଜବତ, ଜଣେ ଗିରଫ



କଟକ ରୋଡ,୩୧।୧(ଡି.ଏନ୍.ଏ.):
କମିଶନରେଟ ପୋଲିସର କ୍ୟୁଏଟି(କୁଇକ୍ ଆକ୍ସନ ଟିମ୍) ଓ ଲକ୍ଷ୍ମୀସାଗର ପୋଲିସ ଗୁରୁବାର ରାଜଧାନୀର ହଳଦୀପଡ଼ିଆ ବସ୍ତିରେ ଚଢ଼ାଉ କରି ଜଣେ ବ୍ରାଉନସୁଗାର ବ୍ୟବସାୟୀଙ୍କୁ ଗିରଫ କରିଛି। ସେ ହେଲେ ଏହି ବସ୍ତିରେ ରହୁଥିବା ମଇନା ରାଉତରାୟ(୩୭)। ତାଙ୍କଠାରୁ ୧୯.୪୦ ଗ୍ରାମ ବ୍ରାଉନସୁଗାର ସହ ୩୬ହଜାର ୬୪୦ଟଙ୍କା ଜବତ ହୋଇଛି। ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ପ୍ରାୟ ୨ଲକ୍ଷ ଟଙ୍କା ହେବ ବୋଲି ଜଣାପଡିଛି। ଅପରାହ୍ନ ପ୍ରାୟ ୨ଟାରେ ମଇନା ତାଙ୍କ ଘର ନିକଟରେ ନିଶା କାରବାର ଚଳାଉଥିବା ନେଇ କ୍ୟୁଏଟିକୁ ସୂଚନା ମିଳିଥିଲା। ଏ ନେଇ ଥାନାରେ ଏକ ମାମଲା(ନଂ. ୩୧/୧୯)ରୁଜୁ ହୋଇଛି। ସୂଚନାଥାଉକି, କଟକ କେନ୍ଦ୍ରାଞ୍ଚଳ ଗୋଇନ୍ଦା ବିଭାଗ ୨୦୧୮ ସେପ୍ଟେମ୍ବର ୩ରେ ମଇନାଙ୍କୁ ମଧ ଗିରଫ କରିବା ସହ ତାଙ୍କଠାରୁ ୨୦୦ଗ୍ରାମ ବ୍ରାଉନସୁଗାର ଜବତ କରିଥିଲା।

### କେନ୍ଦ୍ରାଞ୍ଚଳ ଆର୍‌ଡିସିଙ୍କ ଅବସର ଗ୍ରହଣ

କଟକ ଅଫିସ, ୩୧।୧:
କେନ୍ଦ୍ରାଞ୍ଚଳ ଆର୍‌ଡିସି ମହେନ୍ଦ୍ର କୁମାର ମଲ୍ଲିକ ଗୁରୁବାର ଅବସର ଗ୍ରହଣ କରିଛନ୍ତି। ମଲ୍ଲିକ ୨୦୧୮ ଜୁଲାଇ ୨୩ରେ କେନ୍ଦ୍ରାଞ୍ଚଳ ଆର୍‌ଡିସି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଏହା ପୂର୍ବରୁ ସେ ରାଜ୍ୟ ପ୍ରାଣୀ ପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିଲେ।
ଏହି ଉପଲକ୍ଷେ ରାଜସ୍ୱ ଆର୍‌ଡିସିଙ୍କ ସମ୍ମିଳନୀ କକ୍ଷରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଉପସ୍ଥିତ ଅଧିକାରୀ ଓ କର୍ମଚାରୀମାନେ ସଭାରେ ମଲ୍ଲିକଙ୍କ କର୍ମମୟ ଜୀବନର ସ୍ମୃତି ଚାରଣ କରିବା ସହିତ ତାଙ୍କର ଦୀର୍ଘ ଓ ନିରାମୟ ଜୀବନ କାମନା କରିଥିଲେ। ମଲ୍ଲିକ ଏକାଧାରରେ ଜଣେ କବି, ସୁପ୍ରଶାସକ ଓ ଅମାୟିକ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ ବୋଲି ସେମାନେ କହିଥିଲେ। ମଲ୍ଲିକ ନିଜର ବକ୍ତବ୍ୟ ମାଧ୍ୟମରେ ତାଙ୍କର ଚାକିରିକାଳର ଅଭିଜ୍ଞତା ଓ ଅନୁଭୂତି ବର୍ଣ୍ଣନା କରିଥିଲେ। ଆର୍‌ଡିସିଙ୍କ ସଚିବ ଧନଞ୍ଜୟ ହେମ୍ବ୍ରମ, ଅତିରିକ୍ତ ସଚିବ ସଞ୍ଜିତା ଦାସ, ଯୁଗ୍ମ ନିର୍ଦ୍ଦେଶିକା ସୁମିତ୍ରା ସେନାପତି, ଅନୁସଚିବ ରାଜକିଶୋର ଶାସ୍ତ୍ରୀ, ଅତିରିକ୍ତ ଅର୍ଥ ଉପଦେଷ୍ଟା ଏଲୋରା ଭାରତୀ ଜେନାଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ସେହିପରି ଜିଲାପାଳଙ୍କ କାର୍ଯ୍ୟାଳୟର ୪ ଜଣ କର୍ମଚାରୀ ପ୍ରତ୍ୟୁଷ ଦାଶ, ପ୍ରଫୁଲ୍ଲ ପତି, ପ୍ରଫୁଲ୍ଲ ଦାଶ ଓ ଜାହିଦ ହୁସେନ ତାଙ୍କ ସରକାରୀ କାର୍ଯ୍ୟରୁ ଅବସର ଗ୍ରହଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଅତିରିକ୍ତ ଜିଲାପାଳ ହରିଶ ଚନ୍ଦ୍ର ନାୟକ, ଜିଲା ଆପତ୍‌କାଳୀନ ଅଧିକାରୀ ପ୍ରବୋଧ ରାଉତ, ଜିଲା ସଂସ୍ଥା ଅଧିକାରୀ ସ୍ୱସ୍ତିକ ସଂକଳ୍ପ ସାହୁ ପ୍ରମୁଖ ଉପରୋକ୍ତ କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।

## ଆରମ୍ଭ ହେଲା ଜାତୀୟ ଆଦିବାସୀ ନୃତ୍ୟ ମହୋତ୍ସବ

# ରାଜଧାନୀ ମଞ୍ଚରେ ପାରମ୍ପରିକ ଜନଜାତି ନୃତ୍ୟ

ଭୁବନେଶ୍ୱର,୩୧।୧(ବ୍ୟୁରୋ)
ସାଧାରଣତନ୍ତ୍ର ଦିବସଠାରୁ ସ୍ଥାନୀୟ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରେ ଆରମ୍ଭ ହୋଇଥିବା ଆଦିବାସୀ ମେଳା ଇତିମଧ୍ୟରେ ଷଷ୍ଠ ଦିନରେ ପହଞ୍ଚିଥିବା ବେଳେ ମେଳାରେ ପ୍ରତିଦିନ ପ୍ରବଳ ଗହଳି ପରିଲକ୍ଷିତ ହେଉଛି। ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଏବଂ ଭାରତ ସରକାରଙ୍କ ଆଦିବାସୀ ମନ୍ତ୍ରଣାଳୟର ମିଳିତ ସହଯୋଗରେ ଆୟୋଜିତ ଏହି ମେଳାରେ ଗୁରୁବାରଠାରୁ ଜାତୀୟ ଆଦିବାସୀ ନୃତ୍ୟ ମହୋତ୍ସବ ଆରମ୍ଭ ହୋଇଯାଇଛି। ଫେବୃୟାରୀ ୨ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ୩ଦିନିଆ ମହୋତ୍ସବ ଆଦିବାସୀ ମେଳାର ଅନ୍ୟତମ ପ୍ରମୁଖ ଆକର୍ଷଣ ସାଜିବ।

ଓଡ଼ିଶା ସହ ଆସାମ, ଛତିଶଗଡ଼, ଗୁଜରାଟ, ହିମାଚଳ ପ୍ରଦେଶ, ମହାରାଷ୍ଟ୍ର, ମଣିପୁର, ନାଗାଲାଣ୍ଡ, ରାଜସ୍ଥାନ, ତ୍ରିପୁରାରୁ ଆସିଥିବା କଳାକାରମାନେ ଏହି ମହୋତ୍ସବରେ ସେମାନଙ୍କ ସଭ୍ୟତା ଓ ସଂସ୍କୃତିର ବର୍ଣ୍ଣିଳ ବିଭବକୁ ପ୍ରଦର୍ଶନ କରିବେ। ତିୱା, ମାରିଆ, କୋଙ୍କଣ, ଗରାସିଆ ଭଳି ୧୦ଟି ଜନଜାତିଙ୍କର ୨୫ ପ୍ରକାର ପାରମ୍ପରିକ ନୃତ୍ୟ ଏହି ଅବସରରେ ପରିବେଷଣ କରାଯିବ। ନୃତ୍ୟ ମାଧ୍ୟମରେ ଦର୍ଶକ ଜନଜାତିମାନଙ୍କ ପରମ୍ପରା ଓ ସାଂସ୍କୃତିକ ଐତିହ୍ୟକୁ ଉପଭୋଗ କରିପାରିବେ। ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ନିର୍ଦ୍ଦେଶକ ତଥା ସ୍ୱତନ୍ତ୍ର ସଚିବ ପ୍ରଫେସର ଡ. ଅଖିଳ ବିହାରୀ ଓତା ଏହି ନୃତ୍ୟ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ମହୋତ୍ସବର ପ୍ରଥମ ସନ୍ଧ୍ୟାରେ ନାଗାଲାଣ୍ଡରୁ ଆସିଥିବା ନାଗା ଜନଜାତିମାନେ ସେମାନଙ୍କ ସୁପ୍ରସିଦ୍ଧ ସମରକଳା ନୃତ୍ୟ ପ୍ରଦର୍ଶନ କରି ଦର୍ଶକଙ୍କୁ ବିମୋହିତ କରିଥିଲେ। କଳାକାରମାନେ ଯୋଦ୍ଧାମାନଙ୍କର ରଙ୍ଗିନ ପୋଷାକ ପରିଧାନ କରିବା ସହ ରୁପା, ପିତ୍ତଳ ଓ ଲୁହାର ବିଭିନ୍ନ ଅଳଙ୍କାର ପିନ୍ଧି ଡ୍ରମ ବାଦ୍ୟର ତାଳେତାଳେ ଆକର୍ଷଣୀୟ ନୃତ୍ୟ ପରିବେଷଣ କରିଥିଲେ। ପରେ ପରେ ମଣିପୁରର ଲିଆଙ୍ଗମାଇ ଜନଜାତିଙ୍କ ହର୍ଣ୍ଣବିଲ୍ ନୃତ୍ୟ, ଆସାମର ତିୱା ଜନଜାତିଙ୍କ ଝୁମର ନୃତ୍ୟ, ଓଡ଼ିଶାର କନ୍ଧ ଜନଜାତିଙ୍କ ଘୁମୁରା ନୃତ୍ୟ, ମହାରାଷ୍ଟ୍ରର କୋଙ୍କଣ ଜନଜାତିଙ୍କ ପାୱାନୀ ନୃତ୍ୟ, ହିମାଚଳ ପ୍ରଦେଶର ସ୍ୱାଙ୍ଗଲା ଜନଜାତିଙ୍କ ଫଗ୍‌ଲୀ ନୃତ୍ୟ ପରିବେଷିତ ହୋଇଥିଲା। ସେହିପରି ଗୁଜରାଟର ଡାଙ୍ଗି ଜନଜାତିଙ୍କ ଡାଙ୍ଗି ନୃତ୍ୟ, ରାଜସ୍ଥାନର ଗରାସିଆ ଜନଜାତିଙ୍କ ରାୟାନ ନୃତ୍ୟ, ଛତିଶଗଡ଼ର ଗଣ୍ଡ ଜନଜାତିଙ୍କ ସଇଲା ନୃତ୍ୟ, ତ୍ରିପୁରାର ତ୍ରିପୁରୀ ଜନଜାତିଙ୍କ ଲିବାଙ୍ଗ ଭୂମାନୀ ନୃତ୍ୟ ବିଶେଷ ଆକର୍ଷଣ ସାଜିଥିଲା।



# ପରଦାକୁ ଆସିବ 'ଏକ୍ ଲଡ୍‌କୀ କୋ ଦେଖା ତୋ ଐସା ଲଗା'

**ଫିଲ୍ମ ଫ୍ରାଇଡେ'**

ଭୁବନେଶ୍ୱର, ୩୧।୧(ବ୍ୟୁରୋ)
ଏକ ଭିନ୍ନ ସ୍ୱାଦର ପ୍ରେମ କାହାଣୀକୁ ନେଇ ଏଥର ଫିଲ୍ମ ଫ୍ରାଇଡେ'ରେ ରିଲିଜ ହେଉଛି ହିନ୍ଦୀ ଫିଲ୍ମ 'ଏକ୍ ଲଡ୍‌କୀ କୋ ଦେଖା ତୋ ଐସା ଲଗା'। ସେଲି ଚୋପ୍ରା ଧରଙ୍କ ନିର୍ଦ୍ଦେଶିତ ଏହି କମିଙ୍ଗ୍-ଅଫ୍-ଏଜ୍ ଫିଲ୍ମର ଲିଡ୍‌ରେ ରହିଛନ୍ତି ସୋନମ୍ କପୁର, ଅନିଲ କପୁର, ଜୁହି ଚାୱଲା ଓ ରାଜୁକାମର ରାଓ। ସେହିଭଳି ଅନ୍ୟାନ୍ୟ ପ୍ରମୁଖ ଭୂମିକାରେ ଅକ୍ଷୟ ଓବରୟ, ରେଜିନା କ୍ୟାସାଣ୍ଡ୍ରା, ବ୍ରିଜେନ୍ଦ୍ର କାଲା, ମଧୁମାଳତୀ କପୁର ପ୍ରମୁଖ ଅଭିନୟ କରିଛନ୍ତି। ଫିଲ୍ମର ଟ୍ୟାଗ୍‌ଲାଇନ୍ 'ଦ ମୋଷ୍ଟ ଅନ୍‌ଏକ୍ସପେକ୍ଟେଡ୍ ରୋମାନ୍ସ ଅଫ୍ ଦ ଇୟର୍' ଥିବାବେଳେ ଏଥିରେ ସମ୍ପୂର୍ଣ୍ଣ ନୂତନ ଧାରାର ପ୍ରେମ କାହାଣୀ ଦେଖିବାକୁ ମିଳିବ।



ଫିଲ୍ମରେ ସୋନମ୍ କପୁର ସୁଇଟି ଭୂମିକାରେ ଅଭିନୟ କରିଥିବା ବେଳେ ତାଙ୍କ ବାପା ଭୂମିକାରେ ଅଛନ୍ତି ସୋନମ୍‌ଙ୍କ ରିୟଲ୍ ଲାଇଫ୍ ବାପା ଅନିଲ କପୁର। ସେହିଭଳି ଫିଲ୍ମରେ ରାଜକୁମାର ରାଓ ଜଣେ ଲେଖକ ଭୂମିକାରେ ଅଭିନୟ କରିଥିବା ବେଳେ ସେ ସୋନମ୍‌ଙ୍କ ପ୍ରେମରେ ପଡ଼ିଛନ୍ତି। ହେଲେ ସୋନମ୍ କପୁର ପୁଅ ନୁହେଁ, ବରଂ ଜଣେ ଝିଅକୁ ଭଲପାଇ ବସିଛନ୍ତି। ଏକ ସମଲିଙ୍ଗୀ ପ୍ରେମ କାହାଣୀ ଉପରେ ଆଧାରିତ ଏହି ଫିଲ୍ମରେ ସୋନମ୍‌ଙ୍କ ପ୍ରେମିକା ଭୂମିକାରେ ଅଭିନୟ କରିଛନ୍ତି ରେଜିନା କ୍ୟାସାଣ୍ଡ୍ରା। ତେବେ ଏହି ସମଲିଙ୍ଗୀ ପ୍ରେମକୁ ସୋନମ୍‌ଙ୍କ ପରିବାର ଗ୍ରହଣ କରିବାକୁ ଅରାଜି ଥିବାବେଳେ ଜଣେ ଭଲ ବନ୍ଧୁ ଭାବେ ତାଙ୍କ ପରିବାରକୁ ମନାଇବାକୁ ରାଜକୁମାର ପ୍ରୟାସ କରିଛନ୍ତି, ଯାହାକି ଫିଲ୍ମରେ ଟୁଇଷ୍ଟ ଆଣିଛି। ପୂର୍ବରୁ ଫିଲ୍ମର ଟ୍ରେଲର୍ ଏବଂ ଟାଇଟଲ୍ ଟ୍ରାକ୍ ଦର୍ଶକଙ୍କ ଦ୍ୱାରା ବହୁଳ ଆଦୃତ ହୋଇଥିବା ବେଳେ ଏବେ ଫିଲ୍ମ ମଧ ବକ୍ସ ଅଫିସରେ ଭଲ ପ୍ରଦର୍ଶନ କରିବ ବୋଲି ଆଶା କରାଯାଉଛି। ବିନୋଦ ଚୋପ୍ରା ଫିଲ୍ମ ବ୍ୟାନରରେ ପ୍ରସ୍ତୁତ ଏହି ଫିଲ୍ମର ବିତରଣ କରିଛି ଫକ୍ସ ଷ୍ଟାର୍ ଷ୍ଟୁଡିଓ।

### ୨ହଜାର ଲାଞ୍ଚ: ତହସିଲ କିରାଣି ଗିରଫ

କଟକ ଅଫିସ, ୩୧।୧
ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ନୟାଗଡ଼ ଜିଲା ରଣପୁର ତହସିଲ ଅଫିସର ମୁଖ୍ୟ କିରାଣି ଦିଗମ୍ବର ମହାନ୍ତି। ସେ ଚାନ୍ଦପୁର ଥାନା ଅଧୀନ କୃଷ୍ଣଚନ୍ଦ୍ରପୁର ଗ୍ରାମର ବିଜୟ ସାହୁଙ୍କଠାରୁ ପୂର୍ବ ଦାବି ମୁତାବକ ୨ ହଜାର ଟଙ୍କା ଲାଞ୍ଚ ଗ୍ରହଣ କରୁଥିଲେ। ବିଜୟଙ୍କ ଘରବାଡ଼ି ମାପ କରିବା ପାଇଁ କିରାଣୀ ମହାନ୍ତି ଏହି ଲାଞ୍ଚ ଦାବି କରିଥିଲେ। ଗୁରୁବାର ତହସିଲ ଅଫିସରେ ବସି କିରାଣି ମହାନ୍ତି ବିଜୟଙ୍କଠାରୁ ଲାଞ୍ଚ ଗ୍ରହଣ କରୁଥିବାବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ କାବୁ କରିଥିଲେ। ଏହାପରେ ତାଙ୍କ ଅଫିସ ଆଲମିରା ଯାଞ୍ଚ କରିବାରୁ ସେଠାରୁ ୧ ଲକ୍ଷ ୩ ହଜାର ୫୦୦ ଟଙ୍କା ମିଳିଥିଲା। ଏହି ଟଙ୍କା ସମ୍ପର୍କରେ ମହାନ୍ତି ଭିଜିଲାନ୍ସ ଅଧିକାରୀଙ୍କୁ କୌଣସି ସନ୍ତୋଷଜନକ ହିସାବ ଦେଇପାରି ନ ଥିଲେ। ପରେ ଭିଜିଲାନ୍ସ ପକ୍ଷରୁ ମହାନ୍ତିଙ୍କ ରଣପୁରସ୍ଥିତ ଘର ଓ ତାଙ୍କ ସ୍ତ୍ରୀଙ୍କ କୋଣାର୍କ ହସ୍ପିଟାଲ ପରିସର କ୍ୱାର୍ଟରକୁ ଭିଜିଲାନ୍ସ ଯାଞ୍ଚ କରିଥିଲା। ଏ ନେଇ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ୬/୨୦୧୯ରେ ଏକ ମାମଲା ରୁଜୁ କରାଯାଇ କିରାଣି ମହାନ୍ତିଙ୍କୁ ଗିରଫ କରାଯାଇଛି।

# ରାଜ୍ୟରେ ଆଖି ରୋଗ ସମ୍ପର୍କରେ ସର୍ଭେ କରାଯିବ

ଭୁବନେଶ୍ୱର, ୩୧।୧(ବ୍ୟୁରୋ)
ରାଜ୍ୟରେ ଆରମ୍ଭ କରାଯାଇଥିବା ସାର୍ବଜନୀନ ଚକ୍ଷୁ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର କାର୍ଯ୍ୟକାରିତା ଲାଗି ଗଠିତ କ୍ଷମତାସମ୍ପନ୍ନ କମିଟିର ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। 'ସୁନେତ୍ର' ଯୋଜନା ମାଧ୍ୟମରେ ସାର୍ବଜନୀନ ଚକ୍ଷୁ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଏଥିରେ ଆଲୋଚନା କରାଯାଇ ଏହାକୁ ବ୍ୟାପକ କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ଅନ୍ଧତ୍ୱ ଦୂରୀକରଣ ଲକ୍ଷ୍ୟ ହାସଲ ଏବଂ ଉନ୍ନତମାନର ଚକ୍ଷୁ ଚିକିତ୍ସା ବ୍ୟବସ୍ଥା, ଚଷମା ଯୋଗାଇଦେବା ଆଦି ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଛି। ରାଜ୍ୟରେ ଆଖି ରୋଗ ସମ୍ପର୍କରେ ସର୍ଭେ କରାଯିବ। ପାଇଲଟ୍ ବେସିସ୍‌ରେ ସର୍ଭେ ଆରମ୍ଭ କରାଯିବା ନେଇ ବିଚାର କରାଯାଉଛି। ଅତ୍ୟାଧୁନିକ ଯନ୍ତ୍ରପାତି ସହିତ ୫୦ଟି ଦୃଷ୍ଟି(ଭିଜନ) କେନ୍ଦ୍ର ସ୍ଥାପନ କାର୍ଯ୍ୟ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଯଥାଶୀଘ୍ର ସେଗୁଡ଼ିକୁ କାର୍ଯ୍ୟକ୍ଷମ କରାଯିବ। ସେହିପରି ଖୁବ୍‌ଶୀଘ୍ର ୧୦ଟି ଜିଲାରେ ଭ୍ରାମ୍ୟମାଣ ଦୃଷ୍ଟି କେନ୍ଦ୍ର ଆରମ୍ଭ ହେବ। ଏ ନେଇ ପ୍ରସ୍ତୁତିକୁ ତ୍ୱରାନ୍ୱିତ କରାଯାଇଥିବା ବୈଠକରେ ସୂଚନା ଦିଆଯାଇଛି।

ବିଦ୍ୟାଳୟଗୁଡ଼ିକରେ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷାକୁ ବ୍ୟାପକ କରାଯିବ। ଚକ୍ଷୁ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମକୁ ଡିଜିଟାଲ କରାଯିବା ନିମନ୍ତେ ୱେବ୍ ପୋର୍ଟାଲ, ମୋବାଇଲ ଆପ୍ ଏବଂ ଇଲେକ୍ଟ୍ରୋନିକ୍ ମେଡିକାଲ ରିପୋର୍ଟ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା ହୋଇଛି। ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲର ଚକ୍ଷୁ ବିଭାଗକୁ ଆଞ୍ଚଳିକ ଦୃଷ୍ଟି ବିଜ୍ଞାନ ପ୍ରତିଷ୍ଠାନର ମାର୍ଗଦର୍ଶିକା ଅନୁଯାୟୀ ବିକଶିତ କରାଯିବା ନେଇ ଆଲୋଚନା ହୋଇଥିଲା। ରାଜ୍ୟ ମେଡିକାଲ ନିଗମ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ କ୍ଷମତାସମ୍ପନ୍ନ କମିଟି ଚେୟାରମ୍ୟାନ ଡା. ଟି. ପି. ଦାଶ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ଡା. ପ୍ରମୋଦ କୁମାର ମେହେର୍ଦ୍ଦା, ସ୍ୱତନ୍ତ୍ର ସଚିବ ଡା. ବି. କେ. ବ୍ରହ୍ମା, ମେଡିକାଲ ନିଗମ ଏମ୍‌ଡି ଅର୍ଚ୍ଚନା ପଟ୍ଟନାୟକ, ଏସ୍‌ସିବି ମେଡିକାଲ କଲେଜ ଏବଂ ଏମ୍‌କେସିଜି ମେଡିକାଲ କଲେଜର ଚକ୍ଷୁ ବିଭାଗ ପ୍ରଫେସର ଏବଂ 'ସୁନେତ୍ର' କାର୍ଯ୍ୟକ୍ରମ ପରିଚାଳକଙ୍କ ସମେତ କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ।

### ପୁରୀ ହିଂସା, ପୁଣି ଜଣେ ଗିରଫ

ପୁରୀ ଅଫିସ,୩୧।୧
ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନକୁ ନେଇ ହୋଇଥିବା ପୁରୀ ହିଂସା ଘଟଣାରେ ଗୁରୁବାର ସିଂହଦ୍ୱାର ଥାନା ପୋଲିସ ଜଣକୁ ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍‌କୁ ପଠାଇ ଦିଆଯାଇଛି। ବଡ଼ଦାଣ୍ଡସ୍ଥିତ ଗ୍ରାଣ୍ଡ ସେଣ୍ଟର ଭଙ୍ଗାରୁଜା କରିବା ଅଭିଯୋଗରେ ଥାନାରେ ରୁଜୁ କେସ୍ ନଂ.୭୯/୧୮ରେ ମାଳତୀପାଟପୁରର ରତିକାନ୍ତ ଦାଶ (୨୯)ଙ୍କୁ ଗିରଫ କରାଯାଇଥିବା ସିଂହଦ୍ୱାର ଥାନା ଆଇଆଇସି ଶ୍ରବଣ ମହାରଣା କହିଛନ୍ତି। ସେ ଏଠାରେ ରହି ପୂଜାର୍ଚ୍ଚନା କରିଥାନ୍ତି। ସୂଚନାଯୋଗ୍ୟ, ଅକ୍ଟୋବର ପହିଲାରୁ ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନ ବ୍ୟବସ୍ଥା ଆରମ୍ଭ ହୋଇଥିଲା। ଏହାକୁ ବିରୋଧ କରି ଶ୍ରୀଜଗନ୍ନାଥ ସେନା ଅକ୍ଟୋବର ୩ରେ ପୁରୀ ବନ୍ଦ ଡାକରା ଦେଇଥିଲା। ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ ଡାକରା ଦିଆଯାଇଥିଲେ ମଧ ଏହା ହିଂସାର ରୂପ ନେଇଥିଲା।

# ପ୍ରଦର୍ଶନୀରେ ୨୦୦ କିସମ ଗୋଲାପର ପସରା

ଭୁବନେଶ୍ୱର,୩୧।୧(ବ୍ୟୁରୋ)
ଫୁଲ ମଧ୍ୟରେ ଗୋଲାପ ନିଜର ଅନବଦ୍ୟ ସୌନ୍ଦର୍ଯ୍ୟ ପାଇଁ ପ୍ରତ୍ୟେକ ଫୁଲପ୍ରେମୀଙ୍କ ମନ ଓ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିଛି। ବର୍ତ୍ତମାନ ଚାଷୀମାନଙ୍କ ପାଖରେ ମଧ ଗୋଲାପ ବେଶ୍ ପରିଚିତ ହେବାରେ ଲାଗିଛି। ଗୋଲାପ ଚାଷ କ୍ଷେତ୍ରରେ ଓଡ଼ିଶା ଅଗ୍ରଣୀ ଭୂମିକା ଗ୍ରହଣ କରିପାରିଛି। ଓଡ଼ିଶାରେ ଗୋଲାପ ଚାଷର ପ୍ରାଧାନ୍ୟକୁ ଭିତ୍ତିକରି ଉନ୍ନତମାନର ଚାଷ ପ୍ରଣାଳୀକୁ ପ୍ରଚାର ପ୍ରସାର କରିବା ପାଇଁ ଗୁରୁବାର ଗୋଲାପ ଫୁଲ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ବରମୁଣ୍ଡାସ୍ଥିତ ବାୟୋଟେକ୍ନୋଲୋଜି କମ୍ ଟିସ୍ୟୁ କଲ୍‌ଚର ସେଣ୍ଟରଠାରେ ଆୟୋଜିତ ଏହି ପ୍ରଦର୍ଶନୀରେ ୨୦୦ରୁ ଊର୍ଦ୍ଧ୍ୱ କିସମର ଗୋଲାପ ଦେଖିବାକୁ ମିଳିଥିଲା। ଓୟୁଏଟି କୁଳପତି ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଓଡ଼ିଶା ହର୍ଟିକଲ୍‌ଚର ସୋସାଇଟି ସଭାପତି ଡ. ତ୍ରିନାଥ ମହାରଣାଙ୍କ ସଭାପତିତ୍ୱରେ ଗୋଲାପ ଫୁଲ ଚାଷ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହାସହ ଗୋଲାପ ସମ୍ପର୍କିତ ଏକ ଉପାଦେୟ ପୁସ୍ତିକା 'ଜର୍ଣ୍ଣାଲ ଅଫ୍ ହର୍ଟିକଲଚର ୨୦୧୯' ଉନ୍ମୋଚିତ ହୋଇଥିଲା। ଓଡ଼ିଶା ରୋଜ୍ ସୋସାଇଟି ସଭାପତି ମୀନକେତନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଅପରାହ୍ନରେ ସଫଳ ଗୋଲାପ ଚାଷୀମାନଙ୍କୁ ପୁରସ୍କୃତ କରାଯାଇଥିଲା।





ପ୍ରଦର୍ଶନୀରେ ଦର୍ଶକ ଗୋଲାପ ଫୁଲ ଦେଖୁଛନ୍ତି ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ । ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/main/selfie_list/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : metroselfie@gmail.com



ଲକି



ଜୟଶ୍ରୀ



ଚିନ୍ମୟୀ



ସତ୍ୟମ୍



ପଙ୍କଜ୍



ବିଜୟ



ଦାଶରଥି



ଇତିଶ୍ରୀ



ବିଶ୍ରାମର ମାତ୍ରା ଯଦି ଅଧିକ ହୋଇଗଲା, ତେବେ ସେହି ବିଶ୍ରାମ ହିଁ କଷ୍ଟଦାୟକ ହୋଇପଡ଼େ।
- ହୋମର



## ସଂକ୍ଷେପରେ

### ରାସ୍ତାରେ ଯୁବତୀଙ୍କୁ ଅସଦାଚରଣ, ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର, ୩୧।୧(ବ୍ୟୁରୋ):** ନୟାପଲ୍ଲୀ ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କୁ ରାସ୍ତାରେ ଅଟକାଇ ଗାଳିଗୁଲଜ ସହ ଅସଦାଚରଣ କରିବା ଅଭିଯୋଗରେ ପୋଲିସ ଗୁରୁବାର ସମ୍ପୃକ୍ତ ଗିରଫ କରିଛି। ସେ ହେଲେ ଆଇଗିଣିଆ ଫେଜ-୨ ଅଞ୍ଚଳରେ ରହୁଥିବା ନିତ୍ୟାନନ୍ଦ ପ୍ରଧାନ। ସୂଚନା ମୁତାବକ, ନୟାପଲ୍ଲୀ ଥାନା ରେଣ୍ଟାଲ କଲୋନୀ ଅଞ୍ଚଳରେ ବୁଧବାର ଜଣେ ଯୁବତୀ ଟ୍ୟୁଶନ ସାରି ଘରକୁ ଫେରୁଥିଲେ। ତାଙ୍କୁ ଏକତରଫା ପ୍ରେମ କରୁଥିବା ନିତ୍ୟାନନ୍ଦ ବାଟରେ ଅଟକାଇ ଟଣାଓଟରା କରିଥିଲେ। ଯୁବତୀ ଜଣକ ପ୍ରତିବାଦ କରିବାରୁ ନିତ୍ୟାନନ୍ଦ ତାଙ୍କୁ ଗାଳିଗୁଲଜ କରିଥିଲେ। ଘଟଣା ସମ୍ପର୍କରେ ସମ୍ପୃକ୍ତ ଯୁବତୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(୫୩/୧୮) ରୁଜୁ କରି ପଦକ୍ଷେପ ଗ୍ରହଣ କରିଛି।

### ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ

**ବାରଙ୍ଗ,୩୧।୧(ଡି.ଏନ୍.ଏ.):** ବାରଙ୍ଗସ୍ଥିତ ଷଣ୍ଢପୁରଠାରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୫ମ ବାର୍ଷିକୋତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଇନଜୀବୀ ପୀତାମ୍ବର ଆଚାର୍ଯ୍ୟ, ଉତ୍କଳ ଗ୍ରାମ୍ୟ ସ୍ୱରାଜର ସଭାପତି ବ୍ରହ୍ମାନନ୍ଦ ମହାନ୍ତି, ସୁନୀଲ ସିଂ, ତୁଷାରକାନ୍ତ ଚକ୍ରବର୍ତ୍ତୀ, ଗୋଲଖବିହାରି ଦାସ, ଡ.ଦୀପକ ରାଜ ପ୍ରମୁଖ ଅତିଥିଭାବେ ଯୋଗଦେଇ ବିଦ୍ୟାମନ୍ଦିରର ଉନ୍ନତିକାମନା କରିଥିଲେ। ପରେ ବିଭିନ୍ନ କ୍ଷେତ୍ରରେ କୃତୀ ପିଲାମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।

### ମହିଳାଙ୍କୁ ଖୁଣ୍ଟରେ ବାନ୍ଧି ମାଡ଼ ମାମଲା
### ଜଣଙ୍କୁ ୫ବର୍ଷ ୭ମାସ, ୪ ମହିଳାଙ୍କୁ ୨ବର୍ଷ ଜେଲ୍ ଦଣ୍ଡାଦେଶ

**ପୁରୀ ଅଫିସ,୩୧।୧:** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ୍ ଅନ୍ତର୍ଗତ କୁମ୍ଭରୀ ଗ୍ରାମରେ ଜଣେ ମହିଳାଙ୍କୁ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ମାଡ଼ ମାରିବା ମାମଲାର ରାୟ ଗୁରୁବାର ପ୍ରକାଶ ପାଇଛି। ମାମଲାର ଶୁଣାଣି କରି ଏସ୍‌ଡିଜେଏମ ଶୁଭାଶିଷ ଗିରି ୫ଜଣ ଅଭିଯୁକ୍ତଙ୍କ ମଧ୍ୟରୁ କୁମ୍ଭରି ଗ୍ରାମର ବାନାମ୍ବର ମୁଦୁଲିଙ୍କୁ ବିଭିନ୍ନ ଦଫାରେ ୫ବର୍ଷ ୭ମାସ ଓ ୪ଜଣ ମହିଳାଙ୍କୁ ୨ବର୍ଷ ଜେଲ୍ ଦଣ୍ଡାଦେଶ ଦେଇଛନ୍ତି। ତେବେ ଦଫା ୨୯୪ ଓ ୩୭୯ର କୌଣସି ରାୟ ଶୁଣାଣି ହୋଇନାହିଁ। ଅନ୍ୟପକ୍ଷରେ ଏହି ଘଟଣାରେ ସମ୍ପୃକ୍ତ ୪ଜଣ ନାବାଳକଙ୍କ ନାଁରେ ରହିଥିବା ମାମଲା ପୁରୀ ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡରେ ବିଚାରାଧୀନ ରହିଛି। ମାମଲାରୁ ପ୍ରକାଶ, ୨୦୧୫ ଜୁଲାଇ ୮ରେ ଏହି ଘଟଣା ଘଟିଥିଲା।

### ଭାଜପାର ବୁଥ୍ କାର୍ଯ୍ୟକର୍ତ୍ତା ସମ୍ମିଳନୀ

**ବାଲିପାଟଣା,୩୧।୧(ଡି.ଏନ୍.ଏ):** ବାଲିପାଟଣାସ୍ଥିତ ତୁଳସୀ କନକ୍ଲେଭଠାରେ ଜୟଦେବ ନିର୍ବାଚନମଣ୍ଡଳୀର ବୁଥ୍ କାର୍ଯ୍ୟକର୍ତ୍ତା ସମ୍ମିଳନୀ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଭାଜପା ନେତା ବସନ୍ତ ନାୟକଙ୍କ ସଭାପତିତ୍ୱରେ ଭାଜପା ନେତ୍ରୀ ଅପରାଜିତା ଷଡଙ୍ଗୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ବୁଥସ୍ତରରେ କର୍ମୀମାନେ କିପରି ଭୋଟରମାନଙ୍କ ପାଖରେ କେନ୍ଦ୍ରସରକାରଙ୍କ ବିଭିନ୍ନ ବିକାଶମୂଳକ ଯୋଜନାର ବାର୍ତ୍ତା ପହଞ୍ଚିବ ସେ ନେଇ ଭାଜପା ନେତ୍ରୀ ଷଡଙ୍ଗୀ ଆଲୋଚନା କରିଥିଲେ। ବିଭିନ୍ନ ବୁଥର ଯୁବ ସଙ୍ଗଠକ ତାପସ ଜେନା, ଜାମିନୀ ରଞ୍ଜନ ଦାଶ, କୃଷ୍ଣଚନ୍ଦ୍ର କାଳିଆ, ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ନରେନ୍ଦ୍ର ନାଥ ନାୟକ, ମାଗୁଣୀ ସେଠୀ, ବିଜୟରାମ ସ୍ୱାଇଁ, କ୍ଷେତ୍ରମୋହନ ବେହେରା, ସୁର ରାୟ ପ୍ରମୁଖ ବୁଥର ବିଭିନ୍ନ ସମସ୍ୟା ନେଇ ଆଲୋକପାତ କରିଥିଲେ। କେନ୍ଦ୍ରୀୟ ଯୁବ ଉପସଭାପତି ଠାକୁର ରଣଜିତ୍ ଦାଶ ବୁଥ କର୍ମକର୍ତ୍ତାଙ୍କ ସହ ସମସ୍ୟାର ସମାଧାନ ପ୍ରତିମାସରେ ସମୀକ୍ଷା କରିବାକୁ କହିଥିଲେ। ଅନନ୍ତ ଚରଣ ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ■ ଓଟିଇଟି ପ୍ରଶ୍ନପତ୍ର ଲିକ୍ ଘଟଣା
# ପୋଲିସ ଚୁପ୍, ସରକାର ବି ଚୁପ୍

**କଟକ ଅଫିସ, ୩୧।୧**

- ■ ମୁଣ୍ଡ ଖେଳାଉନି କ୍ରାଇମବ୍ରାଞ୍ଚ
- ■ ତଦନ୍ତକୁ ନେଇ ପ୍ରଶ୍ନ ଉଠାଇଲେ ପରୀକ୍ଷାର୍ଥୀ
- ■ ଉଚ୍ଚ ଅଧିକାରୀଙ୍କ ସମ୍ପୃକ୍ତି ଅଭିଯୋଗ

ଓଡ଼ିଶା ଟିଚର ଏଲିଜିବିଲିଟି ଟେଷ୍ଟ (ଓଟିଇଟି) ପ୍ରଶ୍ନପତ୍ର ଲିକ୍ ଘଟଣାକୁ ୧୫ ଦିନ ବିତିଲାଣି। ଏନେଇ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ କଟକ ମଙ୍ଗଳାବାଗ ଥାନାରେ ଅଭିଯୋଗ କରାଯାଇଥିଲା। ତଦନ୍ତରେ ପୋଲିସକୁ ସମସ୍ତ ସହଯୋଗ ଯୋଗାଇଦେବାକୁ କ୍ରାଇମବ୍ରାଞ୍ଚ ଏଡିଜି ସନ୍ତୋଷ ଉପାଧ୍ୟାୟ କହିଥିଲେ। ହେଲେ ପୋଲିସ କେବଳ ମାମଲା ରୁଜୁ କରି ହାତବନ୍ଧି ବସିଥିବାରୁ ଏହାର ତଦନ୍ତକୁ ନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଭଳି ଏକ ସମ୍ବେଦନଶୀଳ ମାମଲାକୁ ପୋଲିସ ସେତେଟା ଗୁରୁତ୍ୱ ଦେଉ ନ ଥିବାରୁ ଏଥିରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ସୁରକ୍ଷା ଦେବାକୁ ଯୋଜନା ହୋଇଥିବା ଚର୍ଚ୍ଚା ହେଉଛି। ଏହାକୁ ନେଇ ବୁଦ୍ଧିଜୀବୀ ଓ ପରୀକ୍ଷାର୍ଥୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ତଦନ୍ତ ନାଁରେ ପୋଲିସ ଓ କ୍ରାଇମବ୍ରାଞ୍ଚ ନାଟକ କରୁଥିବା ଅଭିଯୋଗ ହେଉଛି।

ଜାନୁୟାରୀ ୧୬ ତାରିଖରେ ଓଟିଇଟି ପରୀକ୍ଷା ଥିଲା। ଏଥିପାଇଁ ପୂର୍ବରୁ ବୋର୍ଡ ପକ୍ଷରୁ ୨୫୧ଟି ସେଣ୍ଟରକୁ ପ୍ରଶ୍ନପତ୍ର ପଠାଇ ଦିଆଯାଇଥିଲା। ପେପର-୧ ପରୀକ୍ଷା ଆରମ୍ଭ ହେବାର କିଛି ସମୟ ପରେ ପ୍ରଶ୍ନପତ୍ର ଲିକ୍ ହୋଇଥିଲା। ତୁରନ୍ତ ଯାଞ୍ଚ ପରେ ଦୁଇ ପ୍ରଶ୍ନପତ୍ର ମେଳ ଖାଇବାରୁ ପରୀକ୍ଷାକୁ ବାତିଲ କରିଆଯାଇଥିଲା। ୧୮ ତାରିଖରେ କ୍ରାଇମବ୍ରାଞ୍ଚ ଏଡିଜି ଉପାଧ୍ୟାୟ ଏହି ଘଟଣାର ତଦନ୍ତ କ୍ଷେତ୍ରରେ ପୋଲିସକୁ ଟେକ୍ନୋଲୋଜି ସହିତ ସମସ୍ତ ସହଯୋଗ ଯୋଗାଇ ଦିଆଯିବ ବୋଲି କହିଥିଲେ। ପରେ ବୋର୍ଡ ସଭାପତି ଡ. ଜାହାନ ଆରା ବେଗମ ମଙ୍ଗଳାବାଗ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୧୫/୧୯) ରୁଜୁ କରିଥିଲେ ମଧ୍ୟ ପ୍ରଶ୍ନପତ୍ର ଲିକ୍‌ର ଟିକିଏ ବି ସୁରାକ ପାଇବାରେ ବିଫଳ ହୋଇଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ବହୁ ଛୋଟ ମାମଲାକୁ କ୍ରାଇମବ୍ରାଞ୍ଚ ଗୁରୁତ୍ୱର ସହ ନେଇ ନିଜ ଆଡୁ ତଦନ୍ତ କରିଥିବା ନଜିର ରହିଛି। ହେଲେ ପ୍ରଶ୍ନପତ୍ର ଲିକ୍ ଭଳି ବଡ଼ ଘଟଣାରେ କ୍ରାଇମବ୍ରାଞ୍ଚ ନିଜେ ତଦନ୍ତ ନ କରିବା ଓ ପୋଲିସ ଚୁପ୍ ବସିବା ନିଶ୍ଚିତ ଦୁଃଖର ବିଷୟ ହୋଇ ଓଟିଇଟି ପରୀକ୍ଷାର୍ଥୀମାନେ କହିଛନ୍ତି। ପରୀକ୍ଷାର୍ଥୀ ଅମୂଲ୍ୟ ସାହୁ କୁହନ୍ତି, ପ୍ରଶ୍ନପତ୍ର ଲିକ୍ ଘଟଣାରେ ରାଜ୍ୟ ସରକାରଙ୍କ ଉପରିସ୍ଥ ଅଧିକାରୀଙ୍କ ସମ୍ପୃକ୍ତି ରହିଛି। ତେଣୁ ଉଭୟ ପୋଲିସ ଓ କ୍ରାଇମବ୍ରାଞ୍ଚ ତଦନ୍ତ ବାହାନାରେ ସମୟ ଗଡ଼ାଇ ଘଟଣାକୁ ଚାପିଦେବାକୁ ବସିଛନ୍ତି। ରାଜ୍ୟ ସରକାର ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ସହ ଖେଳ ଖେଳୁଥିବା ଏଥିରୁ ସ୍ପଷ୍ଟ ବାରିହୋଇ ପଡୁଛି। ଯଦି ପୋଲିସ ଚୁପ୍ ବସୁଛି, ତେବେ ରାଜ୍ୟ ସରକାର, ଶିକ୍ଷା ବିଭାଗ ଓ ମନ୍ତ୍ରୀ କାହିଁକି ନୀରବ ରହୁଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି।

ଏନେଇ ଡିସିପି ଅଖିଳେଶ୍ୱର ସିଂ କୁହନ୍ତି, ଆମେ ତଦନ୍ତ ଚଳାଇଛୁ। ଏପର୍ଯ୍ୟନ୍ତ କିଛି ବି ସୁରାକ ମିଳିପାରୁନି। ଏହା ଏକ ବଡ଼ ଘଟଣା ହୋଇଥିବାରୁ ମାମଲାକୁ କ୍ରାଇମବ୍ରାଞ୍ଚ ତଦନ୍ତ କରିବ ବୋଲି ଆମେ ଭାବିଥିଲୁ। କିନ୍ତୁ ସେପରି କିଛି ହେଲା ନାହିଁ। ତଥାପି ଘଟଣାର ସତ୍ୟାସତ୍ୟ ପଦାକୁ ଆସିବ ବୋଲି ସେ କହିଛନ୍ତି।




ସୋସିଆଲିଷ୍ଟ ୟୁନିଟ ସେଣ୍ଟର ଅଫ ଇଣ୍ଡିଆ(କମ୍ୟୁନିଷ୍ଟ)ର କର୍ମୀମାନେ ବିକ୍ଷୋଭ କରୁଛନ୍ତି।

## ବାରଙ୍ଗ ବ୍ଲକ ଆଗରେ ବିକ୍ଷୋଭ

**ବାରଙ୍ଗ,୩୧।୧(ଡି.ଏନ୍.ଏ.)**

ବାରଙ୍ଗ ବ୍ଲକ ଆଗରେ ଗୁରୁବାର ସୋସିଆଲିଷ୍ଟ ୟୁନିଟ ସେଣ୍ଟର ଅଫ ଇଣ୍ଡିଆ(କମ୍ୟୁନିଷ୍ଟ) ବାରଙ୍ଗ ଆଞ୍ଚଳିକ କମିଟି ପକ୍ଷରୁ ବିକ୍ଷୋଭ ହୋଇଥିଲା। କମ୍ୟୁନିଷ୍ଟର ପ୍ରାୟ ୫୦ରୁ ଉର୍ଦ୍ଧ୍ୱ କର୍ମୀ ଏକ ଶୋଭାଯାତ୍ରାରେ ବାରଙ୍ଗ ବ୍ଲକକୁ ଆସି ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ଦରଦାମ ବୃଦ୍ଧି ବନ୍ଦ କରିବା, ଚାଷୀଙ୍କର ସମସ୍ତ ପ୍ରକାର ଋଣଛାଡ କରିବା, କୃଷିଜାତ ଦ୍ରବ୍ୟର ସହାୟକ ମୂଲ୍ୟ ବୃଦ୍ଧି, ବେକାରିଙ୍କୁ କାମ ଯୋଗାଇଦେବା, ବାରଙ୍ଗରେ ଶୀତଳଭଣ୍ଡାର କରିବା, ବାରଙ୍ଗରେ ଥିବା ସମସ୍ତ ସରକାରୀ ଡାକ୍ତରଖାନାରେ ସବୁସମୟରେ ଡାକ୍ତର ରହିବା, ତ୍ରିଶୁଳିଆ ଗୋଲେଇ ଛକରେ ନେତାଜୀ ସୁଭାଷଙ୍କ ପ୍ରତିମୂର୍ତ୍ତି ନିର୍ମାଣ, ଭୂମିହୀନଙ୍କୁ ବାସଗୃହ ପ୍ରଦାନ ଆଦି ୧୨ଦଫା ଦାବି ଉପରେ ମତବ୍ୟକ୍ତ କରିଥିଲେ। ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ରକୁ ବାରଙ୍ଗ ବ୍ଲକ ବିଡିଓ ଆକୁଳ ମଲ୍ଲିକ ଗ୍ରହଣ କରିଥିଲେ।



କଟକ ବାରବାଟୀ ଷ୍ଟାଡିୟମ ପରିସରସ୍ଥ ସେଣ୍ଟ ଜାଭିୟର ହାଇସ୍କୁଲର ବାର୍ଷିକ ଉତ୍ସବରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

## ପାର୍ଟ ଟାଇମ୍ କଳା ଓ କ୍ରୀଡ଼ା ଶିକ୍ଷକଙ୍କ ଧାରଣା

**ଭୁବନେଶ୍ୱର, ୩୧।୧(ବ୍ୟୁରୋ)**

**ସ୍ଥାୟୀ ନିଯୁକ୍ତି ଦାବି**

ଉଚ୍ଚ ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ପାର୍ଟ ଟାଇମ୍ ଭିତ୍ତିରେ ନିଯୁକ୍ତି ପାଇଥିବା କଳା ଓ କ୍ରୀଡ଼ା ଶିକ୍ଷକମାନଙ୍କୁ ନେଇ ଗଠିତ କଳା ଓ କ୍ରୀଡ଼ା ଶିକ୍ଷକ ମହାସଂଘ ପକ୍ଷରୁ ଗୁରୁବାରଠାରୁ ଲୋୟର ପିଏମ୍‌ଜିଠାରେ ଧାରଣା ଆରମ୍ଭ ହୋଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନ ସର୍ବଶିକ୍ଷା ଅଭିଯାନ ଯୋଜନାରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନିଯୁକ୍ତି ପାଇଥିବା ସମସ୍ତ ପାର୍ଟ ଟାଇମ୍ ଇନ୍‌ଷ୍ଟ୍ରକ୍ଟରମାନଙ୍କୁ ରାଜ୍ୟ ସରକାର ପୂର୍ଣ୍ଣ ଶିକ୍ଷକର ମାନ୍ୟତା ସହ ସ୍ଥାୟୀ ନିଯୁକ୍ତି ପ୍ରଦାନ କରିବା, ପାର୍ଟ ଟାଇମ୍ ଇନ୍‌ଷ୍ଟ୍ରକ୍ଟରଙ୍କ ଚାକିରି ସର୍ତ୍ତାବଳୀ ଲାଗୁ କରିବା, ୨୦୧୬ ଡିସେମ୍ବର ୨୧ତାରିଖ ଠାରୁ ପାର୍ଟ ଟାଇମ୍ ଇନ୍‌ଷ୍ଟ୍ରକ୍ଟରମାନଙ୍କୁ ଲାଗୁ କରାଯାଇଥିବା ମାସିକ ପାରିଶ୍ରମିକ ପୁନଃ ଲାଗୁ କରି ୧୨ ମାସର ବେତନ ତୁରନ୍ତ ପ୍ରଦାନ କରିବା ଆଦି ଦାବି ନେଇ ଏହି ଧାରଣା ଆରମ୍ଭ ହୋଇଛି। ଏହି ଧାରଣାରେ ଓଡ଼ିଶା କଳା ଶିକ୍ଷକ ସଂଘର ମୁଖ୍ୟ ଉପଦେଷ୍ଟା ଜ୍ୟୋତି ରଞ୍ଜନ ମହାପାତ୍ର, ଚାରୁ ଚିତ୍ରକଳା ସଂଘର ଜୟନ୍ତ କୁମାର ନାୟକ ପ୍ରମୁଖ ବକ୍ତବ୍ୟ ରଖି ରାଜ୍ୟରେ କଳା ଓ ସଂସ୍କୃତିର ବିକାଶ ପାଇଁ ତୃଣମୂଳସ୍ତରରେ ନିଷ୍ଠାର ସହ ଶିକ୍ଷାଦାନ କରୁଥିବା କଳା ଓ କ୍ରୀଡ଼ା ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ଦୁର୍ଦ୍ଦଶା ସଂକ୍ରାନ୍ତରେ ଆଲୋକପାତ କରିଥିଲେ। ଆରତୀ ଆଚାର୍ଯ୍ୟ, ବିଜୟ ଓଝା, ଅଶୋକ ବରାଳ ପ୍ରମୁଖଙ୍କ ମିଳିତ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆନ୍ଦୋଳନରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଦୀପ କୁମାର ଦାସ, ଆରତୀ ଆଚାର୍ଯ୍ୟ, ସ୍ୱାତୀମୁକ୍ତା, ରଶ୍ମିରଞ୍ଜନ ସାହାଣୀ ପ୍ରମୁଖ ଏହି ପ୍ରତିବାଦ ଧାରଣାର ନେତୃତ୍ୱ ନେଇଥିବା ବେଳେ ଦାବି ପୂରଣ ପର୍ଯ୍ୟନ୍ତ ଏହି ଧାରଣା ଚାଲୁ ରହିବ ବୋଲି କଳା ଓ କ୍ରୀଡ଼ା ଶିକ୍ଷକ ମହାସଂଘ ପକ୍ଷରୁ ସରକାରଙ୍କୁ ଚେତାବନୀ ଦିଆଯାଇଛି।

## ବିଦ୍ୟୁତ୍ ଆଘାତରେ ଯୁବକଙ୍କ ମୃତ୍ୟୁ

**କଟକ ରୋଡ,୩୧।୧(ଡି.ଏନ୍.ଏ.)**

ବଡ଼ଗଡ଼ ଥାନା ଅଞ୍ଚଳରେ ବିଦ୍ୟୁତ୍ ଆଘାତରେ ଗୁରୁବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଜଗତସିଂହପୁର ଜିଲା ନାଉଗାଁ ଅଞ୍ଚଳର ପିଣ୍ଟୁ ମହାରଣା(୨୬)। କ୍ୟାପିଟାଲ ଥାନା ସୂଚନା ଅନୁଯାୟୀ, ପିଣ୍ଟୁ ତାଙ୍କର ଅନ୍ୟ ସମ୍ପର୍କୀୟଙ୍କ ସହ ବଡ଼ଗଡ଼ ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ଘରେ କାଠ କାମ କରୁଥିଲେ। ରାତି ପ୍ରାୟ ସାଢ଼େ ୭ଟାରେ ସେ ଏକ ମେଶିନ ଯୋଗେ କାଠ ଚିରୁଥିବା ବେଳେ ତାଙ୍କୁ ବିଦ୍ୟୁତ୍ ଆଘାତ ଦେଇଥିଲ।। ଗୁରୁତର ଅବସ୍ଥାରେ ପିଣ୍ଟୁଙ୍କୁ ଚିକିତ୍ସା ପାଇଁ ପରିବାରଲୋକେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରଲେଖା ହେବା ବେଳକୁ ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ବଡ଼ଗଡ଼ ଥାନାର ଜଣେ ଅଧିକାରୀ କହିଛନ୍ତି।

# ଫେବୃୟାରୀ ୬ରୁ ପୁଣି ଆନ୍ଦୋଳନକୁ ଓହ୍ଲାଇବେ ମାଧ୍ୟମିକ ଶିକ୍ଷକ, ଶିକ୍ଷା କର୍ମଚାରୀ

**ଭୁବନେଶ୍ୱର, ୩୧।୧(ବ୍ୟୁରୋ)**

- ■ ମାଟ୍ରିକ୍ ପରୀକ୍ଷା ପରିଚାଳନାରେ ହୋଇପାରେ ସମସ୍ୟା

ସରକାର ଆପଣେଇ ଚାଲିଥିବା କାଳକ୍ଷେପଣ ନୀତି ବିରୋଧରେ ଆସନ୍ତା ଫେବୃୟାରୀ ୬ତାରିଖଠାରୁ ରାଜ୍ୟରେ ଥିବା ସମସ୍ତ ମାଧ୍ୟମିକ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷାକର୍ମଚାରୀମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ନିଷ୍ପତ୍ତି ନେଇଛନ୍ତି। ଗୁରୁବାର ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଏହି ସୂଚନା ପ୍ରଦାନ କରାଯାଇଛି। ସରକାର ସ୍ଥାୟୀ ସମାଧାନ ଚାହୁଁ ନାହାନ୍ତି। ସମାନ କଥା ପାଇଁ ବାରମ୍ବାର ଆନ୍ଦୋଳନ କରିବାକୁ ବାଧ କରୁଛନ୍ତି। ମୁଣ୍ଡ ଉପରେ ମାଟ୍ରିକ୍ ପରୀକ୍ଷା ଥିଲେ ମଧ୍ୟ ସରକାରଙ୍କର ସେଥିପ୍ରତି ନିଘା ନାହିଁ। ଶିକ୍ଷାବ୍ୟବସ୍ଥା ଭୁଶୁଡ଼ି ଗଲେ ବି ସରକାରଙ୍କୁ କିଛି ଫରକ୍ ପଡ଼ୁନା ବୋଲି ଓଷ୍ଟା ପକ୍ଷରୁ ଅଭିଯୋଗ କରାଯାଇଛି। ଦାବିପୂରଣ ନ ହେଲେ ସବୁକ୍ଷେତ୍ରରେ ସରକାରଙ୍କୁ ଅସହଯୋଗ କରାଯିବ ବୋଲି ସଙ୍ଗଠନ ତରଫରୁ ଦୃଢ଼ ଚେତାବନୀ ଦିଆଯାଇଛି। ୨୪ବର୍ଷ ଧରି ପୂର୍ଣ୍ଣଅନୁଦାନ ପାଉଥିବା ବିଦ୍ୟାଳୟଗୁଡ଼ିକୁ ସରକାରୀକରଣ କରିବା ପାଇଁ ଦାବି ହୋଇଆସୁଛି। ସରକାର ମଧ୍ୟ ବାରମ୍ବାର ଏହା କରିବାକୁ ପ୍ରତିଶ୍ରୁତି ଦେଉଛନ୍ତି। କିନ୍ତୁ କୌଣସି ପଦକ୍ଷେପ ନେଉନାହାନ୍ତି। ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ କାର୍ଯ୍ୟକରୁଥିବା ଶିକ୍ଷକ ଓ ଶିକ୍ଷାକର୍ମଚାରୀମାନଙ୍କ ପାଇଁ ସପ୍ତମ ବେତନ କମିଶନ, ଚାକିରି ସର୍ତ୍ତାବଳୀ ଓ ପେନ୍‌ସନ୍ ଦେବେ ବୋଲି ସରକାର ବିଗତ ଆନ୍ଦୋଳନ ସମୟରେ କହିଥିଲେ ମଧ୍ୟ ଏ ଦିଗରେ କୌଣସି ଠୋସ୍ ପଦକ୍ଷେପ ନ ନେବା ଯୋଗୁ ଶିକ୍ଷକମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି ବୋଲି ଓଷ୍ଟାର ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାନ୍ତି କହିଛନ୍ତି। ଗୋଟିଏ ଜିଲାରେ ଏକପ୍ରକାର ଦରମା ଓ ଅନ୍ୟ ଜିଲାରେ ଆଉ ଏକ ରକମର ଦରମା ଦିଆଯାଉଛି। ଏହି ବିଚିତ୍ର ନୀତି ବିରୋଧରେ ସଙ୍ଗଠନ ତରଫରୁ ବହୁବାର ଆଲୋଚନା କରାଯାଇଥିଲେ ମଧ୍ୟ ତା'ର କୌଣସି ସୁଫଳ ମିଳିନାହିଁ। ଗତ ସେପ୍ଟେମ୍ବର ୧୮ତାରିଖରେ ବିଧାନସଭା ପ୍ରକୋଷ୍ଠରେ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରାଙ୍କ ସହିତ ଓଷ୍ଟା ପକ୍ଷରୁ ପ୍ରତିନିଧିମଣ୍ଡଳୀ ଆଲୋଚନା କରିଥିଲେ। ତା'ର କୌଣସି ସୁଫଳ ଅଦ୍ୟାବଧି ମିଳିପାରିଲା ନାହିଁ। ତେଣୁ ବାଧ ହୋଇ ପୁଣି ଥରେ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ସ୍ଥିର କରାଯାଇଛି। ଯଦି ସରକାର ହେୟ ମନେ କରନ୍ତି ତେବେ ଆନ୍ଦୋଳନକୁ ତୀବ୍ର କରାଯିବ। ଦାବି ପୂରଣ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲିବ ବୋଲି ସଙ୍ଗଠନ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ଗତବର୍ଷ ଏହି ସମୟରେ ଶିକ୍ଷକମାନଙ୍କ ଆନ୍ଦୋଳନ ଏବଂ ମାଟ୍ରିକ୍ ପରୀକ୍ଷାରେ ଅସହଯୋଗ କରାଯିବାରୁ ପରୀକ୍ଷା ପରିଚାଳନା ଓ ଖାତା ମୂଲ୍ୟାୟନରେ ମଧ୍ୟ ସମସ୍ୟା ଦେଖାଦେଇଥିଲା। ତେଣୁ ଚଳିତ ବର୍ଷ ଯଦି ସରକାର ଶିକ୍ଷକଙ୍କ ଦାବି ନ ମାନ୍ତି ତେବେ ସେଭଳି ପରିସ୍ଥିତି ଉପୁଜିବାର ସମ୍ଭାବନା ରହିଛି ବୋଲି ଆଶା କରାଯାଉଛି।

## ଲୁଟ୍ ଅଭିଯୋଗରେ ୨ ଗିରଫ

**ଭୁବନେଶ୍ୱର,୩୧।୧(ବ୍ୟୁରୋ)**

ଶହୀଦ ନଗର ଥାନା ଅଞ୍ଚଳରେ ଅଟୋରେ ଯାଉଥିବା ଜଣେ କଲେଜ ଛାତ୍ରୀଙ୍କଠାରୁ ମୋବାଇଲ ଲୁଟ୍ ଅଭିଯୋଗରେ ଗୁରୁବାର ପୋଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନଙ୍କଠାରୁ ୩ଟି ମୋବଇଲ ଓ ଗୋଟିଏ ବାଇକ୍‌କୁ ଜବତ ହୋଇଛି। ସେମାନେ ହେଲେ ୟୁନିଟ ୯ ଅଞ୍ଚଳର ଲୋକନାଥ ନାୟକ ଏବଂ ରାକେଶ ରେଡ୍ଡୀ। ସୂଚନା ମୁତାବକ ଶହୀଦ ନଗର ଅଞ୍ଚଳରେ ରହୁଥିବା ରୂପାଲି ଦାସ ଗତ ୨୭ରେ କଲେଜ ସାରି ସାଙ୍ଗମାନଙ୍କ ସହ ଅଟୋରେ ଘରକୁ ଫେରୁଥିବା ବେଳେ ଲୋକନାଥ ଓ ରାକେଶ ଏକ ବାଇକରେ ଆସି ତାଙ୍କ ହାତରୁ ମୋବାଇଲ ଛଡାଇ ଫେରାର ହୋଇଯାଇଥିଲେ। ଏ ନେଇ ରୂପାଲିଙ୍କ ବାପା ଥାନାରେ ଅଭିଯୋଗ କରିବା ପରେ ପୋଲିସ ୫୭/୧୯ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ପୋଲିସ ମୋବାଇଲ ନମ୍ବରକୁ ଟ୍ରାକ କରି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି।



ଓଲଟି ପଡ଼ିଥିବା ମିଲର ମିକ୍ସର ଟ୍ରକ୍।

## ରାସ୍ତାକଡ଼କୁ ଓଲଟିଲା ମିଲର ମିକ୍ସର ଟ୍ରକ୍

**ବାଲିଅନ୍ତା,୩୧।୧(ଡି.ଏନ୍.ଏ.)**

ହଂସପାଳ-ବନମାଳିପୁର ରାସ୍ତାର ପାରିବାସୁଦେଇପୁର ଗ୍ରାମ ନିକଟ କେନାଲ ବନ୍ଧକଡକୁ ଗୁରୁବାର ଭୋର ୫ଟା ସମୟରେ ଏକ ମିଲର ମିକ୍ସର ଟ୍ରକ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଦୁର୍ଘଟଣାରେ ଟ୍ରକ ଚାଳକ ଆହତ ହୋଇଥିବା ଜଣାପଡିଛି। ପ୍ରକାଶ ଯେ, କଂକ୍ରିଟ ବୋଝେଇ ଏହି ଟ୍ରକଟି ଭୁବନେଶ୍ୱରରୁ ବାଲିପାଟଣାରେ ଚାଲିଥିବା ନିର୍ମାଣ ପୋଲ କାର୍ଯ୍ୟ ପାଇଁ ଆସୁଥିଲା। ପାରିବାସୁଦେଇପୁର ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ଗାଡିକୁ ସାଇଡ ଦେବାବେଳେ ରାସ୍ତାରେ ଥିବା ନୂଆ ବାଲିମାଟିରେ ଧସିହୋଇ ରାସ୍ତାପାର୍ଶ୍ୱର କେନାଲ ବନ୍ଧକୁ ଓଲଟି ପଡିଥିଲା। ଦୁର୍ଘଟଣାରେ ଟ୍ରକର ଡ୍ରାଇଭର ଓ ହେଲ୍‌ପର ସାମାନ୍ୟ ଆହତ ହୋଇଛନ୍ତି।

## ଏକାମ୍ର କଲେଜ ମିନି ଷ୍ଟାଡିୟମର ଶିଳାନ୍ୟାସ

**ପୁରୁଣା ଭୁବନେଶ୍ୱର,୩୧।୧(ଡି.ଏନ୍.ଏ)**

ରାଜଧାନୀର ପୁରାତନ ଏକାମ୍ର କଲେଜରେ ହେବ ଏକ ସ୍ୱାଗତ ତୋରଣ ଓ ମିନି ଷ୍ଟାଡ଼ିୟମ। ଗୁରୁବାର ଏ ନେଇ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଭୟ କାର୍ଯ୍ୟର ଶିଳାନ୍ୟାସ କରିଛନ୍ତି। ମିନି ଷ୍ଟାଡିୟମ ପାଇଁ ୨୫ଲକ୍ଷ ଟଙ୍କା ବ୍ୟୟ ଅଟକଳ ରଖାଯାଇଥିବା ବେଳେ ସ୍ୱାଗତ ତୋରଣ ପାଇଁ ୧୩ଲକ୍ଷ ଟଙ୍କା ବ୍ୟୟ ଅଟକଳ ରଖାଯାଇଛି। ଏ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଉତ୍ସାହ ଦେଖାଯାଇଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କର୍ପୋରେଟର ଦେବୀ ପ୍ରସାଦ ନନ୍ଦ, ପୁଷ୍ପା ଦାସ, ମନ୍ଦାକିନୀ କର, କଲେଜ ଛାତ୍ର ସଂସଦର ପୂର୍ବତନ ସଭାପତି ରଣଜିତ୍ ମହାପାତ୍ର, କଲେଜ ଅଧକ୍ଷ ବିନୋଦ ସାମନ୍ତରାୟ, ବରିଷ୍ଠ ଅଧ୍ୟାପକ ପରିକ୍ଷିତ ଦାସ, ମହେନ୍ଦ୍ର ଜେନା, ପ୍ରଶିକ୍ଷକ ମନୋଜ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କଲେଜର ମିନି ଷ୍ଟାଡିୟମର ଶିଳାନ୍ୟାସ କରୁଛନ୍ତି।

## ■ ହସ୍ତଶିଳ୍ପ ନୀତିକୁ ଓଡ଼ିଶା ଶିଳ୍ପୀ ମହାସଂଘର ସ୍ୱାଗତ
# ମାସିକ ଆର୍ଥିକ ସହାୟତା ପାଇଁ ଦାବି

**ଭୁବନେଶ୍ୱର,୩୧।୧(ବ୍ୟୁରୋ)**

ରାଜ୍ୟ ହସ୍ତଶିଳ୍ପୀଙ୍କ ସାମଗ୍ରିକ ବିକାଶ ପାଇଁ ଦୀର୍ଘବର୍ଷ ପରେ ରାଜ୍ୟ ସରକାର ନୂତନ ହସ୍ତଶିଳ୍ପ ନୀତି ପ୍ରଣୟନ କରିଛନ୍ତି। ଏହି ନୀତି ପ୍ରଣୟନ ପରେ ହସ୍ତକଳା ଉତ୍ପାଦନରେ ଲାଗୁଥିବା କଞ୍ଚାମାଲ ସହଜରେ ମିଳିବା ସହ ସାମାଜିକ ସୁରକ୍ଷା, ବିକ୍ରୟ ସୁବିଧା, ତାଲିମ ଓ ନୂତନ ଡିଜାଇନ ଆଦି ସେମାନଙ୍କ ନିକଟରେ ଉପଲବ୍ଧ ହେବ ବୋଲି ଓଡ଼ିଶା ହସ୍ତଶିଳ୍ପୀ ମହାସଂଘ ପକ୍ଷରୁ କୁହାଯାଇଛି। ହସ୍ତଶିଳ୍ପ ନୀତି-୨୦୧୯କୁ କ୍ୟାବିନେଟ ମଞ୍ଜୁରୀ ମିଳିଥିବାରୁ ଓଡ଼ିଶା ଶିଳ୍ପୀ ମହାସଂଘ ରାଜ୍ୟ ସରକାର ତଥା ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛି।

ଉତ୍କୃଷ୍ଟ କଳା କାରିଗରି ପାଇଁ ସାରା ବିଶ୍ୱରେ ସୁପରିଚିତ ଓଡ଼ିଶାରେ ୫୦ ପ୍ରକାରର ହସ୍ତକଳା ଦେଖିବାକୁ ମିଳିଥାଏ। ଅନ୍ୟୂନ ଦଶ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ହସ୍ତଶିଳ୍ପ ଉପରେ ନିର୍ଭର କରି ଜୀବନ ଜୀବିକା ନିର୍ବାହ କରିଥାଆନ୍ତି। ଏତେ ସଂଖ୍ୟକ ସ୍ୱାବଲମ୍ବୀ କାରିଗର ଏ କ୍ଷେତ୍ରରେ କାମ କରୁଥିଲେ ମଧ୍ୟ ସେମାନଙ୍କ ବିକାଶ ପାଇଁ କୌଣସି ସ୍ୱତନ୍ତ୍ର ନୀତି ପ୍ରଣୟନ କରାଯାଇ ନ ଥିଲା। ଫଳରେ କଞ୍ଚାମାଲ ଅଭାବଠାରୁ ଆରମ୍ଭ କରି କଳାକୃତି ବିକ୍ରୟ ପର୍ଯ୍ୟନ୍ତ, କାରିଗରଙ୍କୁ ଅନେକ ସମସ୍ୟା ଭୋଗିବାକୁ ପଡୁଥିଲା। ତେଣୁ ସ୍ୱତନ୍ତ୍ର ନୀତି ପ୍ରଣୟନ ପାଇଁ ପ୍ରାୟ ୬ବର୍ଷ ଧରି ହସ୍ତଶିଳ୍ପୀ ଓ ବୁଣାକାରମାନେ ଦାବି କରିଆସୁଥିଲେ। ରାଜ୍ୟ ସରକାରଙ୍କ ପ୍ରଣୀତ ଏହି ନୂତନ ହସ୍ତଶିଳ୍ପ ନୀତି ରାଜ୍ୟ ହସ୍ତଶିଳ୍ପୀଙ୍କ ସାମାଜିକ ଓ ଆର୍ଥିକ ବିକାଶକୁ ତ୍ୱରାନ୍ୱିତ କରିବାରେ ସହାୟକ ହେବ ବୋଲି ଓଡ଼ିଶା ଶିଳ୍ପୀ ମହାସଂଘ ସଭାପତି ଉଦୟ ମହାନ୍ତି କହିଛନ୍ତି। ବିଭିନ୍ନ ଅସୁବିଧା ତଥା କମ୍ ରୋଜଗାର କାରଣରୁ ଦ୍ରୁତ ଗତିରେ ବହୁ କାରିଗର ନିଜ କୌଳିକ ବୃତ୍ତି ଛାଡୁଛନ୍ତି। ପ୍ରୋତ୍ସାହନ ଅଭାବରୁ ନୂତନ ପିଢ଼ିର ଯୁବତୀଯୁବକ କଳା କାରିଗରି ପ୍ରତି ଆକର୍ଷିତ ହେଉନାହାନ୍ତି, ଯେଉଁଥିପାଇଁ ଦିନକୁ ଦିନ ରାଜ୍ୟର ଶିଳ୍ପୀ ଓ ବୁଣାକାରଙ୍କ ସାମାଜିକ ସୁରକ୍ଷା ବିପନ୍ନ ହେବାରେ ଲାଗିଛି। କଳାକାରଙ୍କ ଭଳି ରାଜ୍ୟ କାରିଗରଙ୍କୁ ମାସିକ ଆର୍ଥିକ ସହାୟତା ମିଳିପାରିଲେ, ଏହି କ୍ଷେତ୍ର ପ୍ରତି ସେମାନଙ୍କର ଆଦର ବଢ଼ନ୍ତା ଓ ନୂତନ ପିଢ଼ିର ଯୁବତୀଯୁବକ କାମ କରିବାକୁ ଉତ୍ସାହିତ ହୁଅନ୍ତେ ବୋଲି ସେ କହିଛନ୍ତି। ଓଡ଼ିଶାର କଳା ସଂସ୍କୃତିକୁ ବଞ୍ଚାଇ ରଖିଥିବା ଶିଳ୍ପୀ ଓ ବୁଣାକାରଙ୍କ ସାମାଜିକ ସୁରକ୍ଷା ନିମନ୍ତେ ୪୦ରୁ ଅଧିକ ବୟସର ମହିଳା ଏବଂ ୫୦ରୁ ଅଧିକ ବୟସର ପୁରୁଷ କାରିଗରଙ୍କୁ ମାସିକ ୧୫୦୦ଟଙ୍କା ସହାୟତା ରାଶି ପ୍ରଦାନ କରିବାକୁ ଶିଳ୍ପୀ ମହାସଂଘ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ ଜଣାଇଛି। ଏହାସହ କାରିଗରଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସାମିଲ, ୨ଲକ୍ଷ ଟଙ୍କାର ମୃତ୍ୟୁକାଳୀନ ସହାୟତା, ଭୂମିହୀନ କାରିଗରଙ୍କୁ ଘରଡ଼ିହ, ପିଲାଙ୍କୁ ଛାତ୍ରବୃତ୍ତି ଓ ବିନା ସୁଧରେ ଋଣ ଆଦି ସହାୟତା ପ୍ରଦାନ ପାଇଁ ମଧ୍ୟ ଅନୁରୋଧ କରାଯାଇଛି।



ଜିଭଠାରୁ ତୁମ ହାତ ପ୍ରକୃତରେ ଭଲ ଧର୍ମବାଣୀ ପ୍ରଚାର କରିପାରିବ।

- ଗୋଲ୍ଡସ୍ମିଥ



## ସଂକ୍ଷେପରେ

### କୂଅରେ ପଡ଼ି ଦୃଷ୍ଟିହୀନ ଯୁବକଙ୍କ ମୃତ୍ୟୁ

**ନରସିଂହପୁର, ୩୧।୧(ସ୍ୱ.ପ୍ର.):** କୂଅରେ ପଡ଼ିଯିବାରୁ ନରସିଂହପୁର ବ୍ଲକ ଅନ୍ତର୍ଗତ ଡମକଟା ଗ୍ରାମର ଜଣେ ଦୃଷ୍ଟିହୀନ ଯୁବକଙ୍କ ବୁଧବାର ରାତିରେ ମୃତ୍ୟୁ ଘଟିଛି। ସେ ହେଲେ ଗ୍ରାମର ଦଳିତ ବସ୍ତିର ହାଡ଼ିବନ୍ଧୁ ନାୟକ(୩୬)। ସେ କୌଣସି କାରଣରୁ ରାତିରେ ଘରୁ ବାହାରି ଘର ପଛ ପଟକୁ ଚାଲିଚାଲିଯାଉଥିବା ବେଳେ ନିକଟରେ ଥିବା ଏକ କୂଅରେ ଖସି ପଡିଥିଲେ। ଚିତ୍କାର ଶୁଣି ପଡ଼ିଶା ଲୋକେ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ପାଣିରୁ ଉଦ୍ଧାର କରିଥିଲେ। ମାତ୍ର ସେତବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିଲା। ହାଡିବନ୍ଧୁ ଦୃଷ୍ଟିହୀନ ହୋଇଥିବା ବେଳେ ଭିକ୍ଷାବୃତ୍ତି କରି ପରିବାର ପ୍ରତିପୋଷଣ କରନ୍ତି। ତାଙ୍କ ମୃତ୍ୟୁ ପରେ ୨ ଝିଅ, ସ୍ତ୍ରୀ ଓ ବୃଦ୍ଧା ମା' ଏବେ ବେସାହାରା ହୋଇଯାଇଛନ୍ତି। ସରକାରଙ୍କ ତରଫରୁ ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

### ସାଇନାଥଙ୍କ ବାର୍ଷିକୋତ୍ସବ ଉଦ୍‌ଯାପିତ



**ରଘୁନାଥପୁର,୩୧।୧(ଡି.ଏନ୍.ଏ.):** ରଘୁନାଥପୁର ବ୍ଲକ ତଅଁରା ଶାଳିଜଙ୍ଗାସ୍ଥିତ ଶିରିଡି ସାଇ ସେବା ପ୍ରତିଷ୍ଠାନ ପକ୍ଷରୁ ୩ଦିନ ଧରି ଆରମ୍ଭ ହୋଇଥିବା ସାଇନାଥଙ୍କ ଦ୍ୱିତୀୟ ବାର୍ଷିକୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ବିଭିନ୍ନ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରିବା ସହ ୧୦୦୮ ଆହୁତି ପ୍ରଦାନ ହୋଇଥିଲା। ସନ୍ଧ୍ୟାରେ ରୁଦ୍ରନାରାୟଣ ମହାନ୍ତିଙ୍କ ଭଜନ ସହ ରାମାୟଣୀ ପଣ୍ଡିତ ଅଭୟ କୁମାର ଦାଶଙ୍କ ମଞ୍ଚ ପରିଚାଳନାରେ ବାବାଜୀ ଦିବାକର ଦାସ ମହାରାଜ ଓ ସାଥୀ ସାଧୁସନ୍ଥମାନେ ପ୍ରବଚନ ଦେଇଥିଲେ। ଏଥିରେ ରାଜ୍ୟ ଯୋଜନା ବୋର୍ଡ ଉପାଧକ୍ଷ ବିଷ୍ଣୁ ଦାସ, ତିର୍ତ୍ତୋଲ ବିଧାୟିକା ଡା.ରାଜଶ୍ରୀ ମଲ୍ଲିକ, ଜିଲା ଯୋଜନା ବୋର୍ଡ ଉପାଧକ୍ଷା ଡେଜାଲିନ ମହାପାତ୍ର ପ୍ରମୁଖ ଯୋଗଦେଇ ସାଇ ଦର୍ଶନ କରିଥିଲେ।

### ବି.କେ.ବିଦ୍ୟାପୀଠର ଶତବାର୍ଷିକ ଉତ୍ସବ ପାଇଁ ଆଲୋଚନା

**ବାଙ୍କୀ, ୩୧।୧(ସ୍ୱ.ପ୍ର.):** ବରେନ୍ଦ୍ର କୃଷ୍ଣ ବିଦ୍ୟାପୀଠର ୧୯୮୯ମସିହା ଛାତ୍ରମାନଙ୍କ ଏକ ବୈଠକ ଡ଼ମପଡ଼ା ବ୍ଲକ ଅନ୍ତର୍ଗତ ମା'ବ୍ରହ୍ମେଇଙ୍କ ପୀଠରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫୦ରୁ ଉର୍ଦ୍ଧ୍ୱ ପୁରାତନ ଛାତ୍ର ଯୋଗଦେଇ ଛାତ୍ରଜୀବନର ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ବିଦ୍ୟାପୀଠର ୨୦୨୧ମସିହାରେ ହେବାକୁ ଥିବା ଶତବାର୍ଷିକ ଉତ୍ସବ ସମ୍ପର୍କରେ ଆଲୋଚନା ହୋଇଥିଲା। ବୈଠକରେ ସନ୍ତୋଷ କୁମାର ରଣା, ପ୍ରଦୀପ କୁମାର ପୃଷ୍ଟି, ରାଜ କିଶୋର ସାହୁ, ରାଜେଶ ଚନ୍ଦ୍ର ଦୀକ୍ଷିତ, ସନାତନ ବେହେରା ଓ ନିରୋଜ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ।

### ବ୍ୟାଙ୍କ ଶାଖା ସ୍ଥାନାନ୍ତର ନ କରିବାକୁ ଦାବି

**ମାହାଙ୍ଗା,୩୧।୧ (ସ୍ୱ.ପ୍ର.):** ମାହାଙ୍ଗା ବ୍ଲକ ମଉଦା ପଞ୍ଚାୟତ ଅନ୍ତର୍ଗତ ଚଷାଖଣ୍ଡ ତ୍ରିବେଣିଶ୍ୱର ବଜାର ନିକଟରେ ଥିବା ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖାକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ମସୁଧା ଚାଲିଛି । ଏନେଇ ସ୍ଥାନୀୟ ଲୋକେ ଅସନ୍ତୋଷ ବ୍ୟକ୍ତ କରିବା ସହ ଶାଖାକୁ ଅନ୍ୟତ୍ର ସ୍ଥାନାନ୍ତର ନ କରିବା ପାଇଁ ଦାବି କରିଛନ୍ତି । ଏନେଇ ସ୍ଥାନୀୟ ଜନସାଧାରଣ ବିଭାଗୀୟ ଉଚ୍ଚ ଅଧିକାରୀ ଓ ସ୍ଥାନୀୟ ବିଧାୟକ ତଥା ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନାଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି । ଶାଖାଟି ଦୀର୍ଘ ୨୧ ବର୍ଷରୁ ଉର୍ଦ୍ଧ୍ୱ ସମୟ ହେବ ତ୍ରିବେଣିଶ୍ୱର ବଜାର ମଧ୍ୟସ୍ଥଳରେ କାର୍ଯ୍ୟ କରୁଛି । ଫଳରେ ସ୍ଥାନୀୟ ବ୍ୟବସାୟୀଙ୍କ ସମେତ ମଉଦା ପଞ୍ଚାୟତ, ଭେଡା, କୁଣ୍ଡି, ସାହାପୁର, ନୃର୍ତ୍ତାଙ୍ଗ, ଜଳେଶ୍ୱରପୁର, ଚାହାପଡ଼ା ଓ ଆନନ୍ଦପୁର ଆଦି ପଞ୍ଚାୟତର ବହୁ ଜନସାଧାରଣ ଉପକୃତ ହେଉଛନ୍ତି । ଏହି ସ୍ଥାନରେ ଉକ୍ତ ବ୍ୟାଙ୍କର ଆବଶ୍ୟକତା ଦୃଷ୍ଟିରେ ରଖି ଅନ୍ୟତ୍ର ସ୍ଥାନାନ୍ତର ନ କରିବା ଲାଗି ପୂର୍ବତନ ସମିତିସଭ୍ୟ କାହ୍ନୁଚରଣ ସାହୁ, ପ୍ରଶାନ୍ତ କୁମାର ମହାନ୍ତି, କାର୍ତ୍ତିକ ଚନ୍ଦ୍ର ମହାନ୍ତି, ସଞ୍ଜୟ କୁମାର ସାହୁ , ଚିତ୍ତରଞ୍ଜନ ବଳ ଓ ବିକ୍ରମ ସାହୁ ପ୍ରମୁଖ ଦାବି କରିଛନ୍ତି। ଯଦି ଏପରି କରା ନଯାଏ ତେବେ ଜନ ଆନ୍ଦୋଳନ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

# ସମିତି କାର୍ଯ୍ୟାଳୟରେ ତାଲା, ଚାଷୀଙ୍କ ବିକ୍ଷୋଭ

**ବାଙ୍କୀ, ୩୧।୧ (ସ୍ୱ.ପ୍ର.)**



ସମବାୟ ସମିତି କାର୍ଯ୍ୟାଳୟ ଆଗରେ ଚାଷୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ଅନ୍ତର୍ଗତ କାଳିପୋଇ ସେବା ସମବାୟ ସମିତି କାର୍ଯ୍ୟାଳୟରେ ଗତ ୨ ମାସ ହେବ ତାଲା ପଡ଼ିବାରୁ ଅଚଳାବସ୍ଥା ଦେଖାଦେଇଛି। ଫଳରେ ଚାଷୀମାନେ କାଳିଆ ଯୋଜନାରେ ଆବେଦନ କରି ପାରୁ ନ ଥିବା ବେଳେ ଧାନ ମଣ୍ଡିରେ ବିକ୍ରି କରି ପାରୁନାହାନ୍ତି। ଏହାର ପ୍ରତିବାଦରେ ଗୁରୁବାର ଚାଷୀମାନେ ସମିତି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସୂଚନାଯୋଗ୍ୟ, କାଳିପୋଇ ସେବା ସମବାୟ ସମିତିର ସମ୍ପାଦକ ରବୀନ୍ଦ୍ର ନାଥ ଦାସଙ୍କୁ ଅନିୟମିତତା କାରଣରୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ଦାସଙ୍କ କାର୍ଯ୍ୟ ସମ୍ପର୍କରେ ସମିତିର ସଭାପତି ସୁଶାନ୍ତ କୁମାର ଭଞ୍ଜ ସମବାୟ ବିଭାଗର ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଇବା ପରେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା। ନିଲମ୍ବିତ ହେବାପରେ ଦାସଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବା ପାଇଁ ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ଏହି ଦାୟିତ୍ୱ ଜଗନ୍ନାଥପୁର ସେବାସମବାୟ ସମିତିର ସମ୍ପାଦକ ରମେଶ ଚନ୍ଦ୍ର ନିଶଙ୍କୁ ହସ୍ତାନ୍ତର କରିବାପାଇଁ ନିର୍ଦ୍ଦେଶନାମାରେ ଉଲ୍ଲେଖ ଥିଲା। ମାତ୍ର ଦାସ ନିଲମ୍ବନ ବାବଦରେ ସ୍ଥିତାବସ୍ଥା ବଜାୟ ରଖିବା ପାଇଁ କୋର୍ଟରୁ ଏକ ନିର୍ଦ୍ଦେଶ ଆଣିଛନ୍ତି। ଏହାକୁ ଭିତ୍ତିକରି ସେ ଦାୟିତ୍ୱ ହସ୍ତାନ୍ତର କରୁନାହାନ୍ତି। ଏହି ଘଟଣାକୁ ନେଇ ସମିତି କାର୍ଯ୍ୟାଳୟ ଦୀର୍ଘ ୨ମାସ ହେବ ବନ୍ଦ ପଡ଼ିଛି। କାର୍ଯ୍ୟାଳୟ ଖୋଲାଯାଉ ନ ଥିବାରୁ ଚାଷୀମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। ଏନେଇ ଚାଷୀମାନେ ବାଙ୍କୀ କେନ୍ଦ୍ର ସମବାୟ ସମ୍ପାଦକ ଓ ସହକାରୀ ନିବନ୍ଧକଙ୍କୁ ଅବଗତ କରାଇଥିବା ବେଳେ ଅସନ୍ତୋଷ ବ୍ୟକ୍ତ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ତୁରନ୍ତ ସମିତି କାର୍ଯ୍ୟାଳୟ ଖୋଲିବା ଓ ନୂତନ ସମ୍ପାଦକଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବା ପାଇଁ ସେମାନେ ଦାବି କରିଥିଲେ। ଏନେଇ ପଦକ୍ଷେପ ନିଆ ନ ଗଲେ ସେମାନେ ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ମୁଖରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ପାଦକ ସୁଶାନ୍ତ କୁମାର ଖମାରୀ କହିଛନ୍ତି, ଏ ସମ୍ପର୍କରେ ବ୍ୟାଙ୍କର କିଛି କରିବାର ନାହିଁ। ଏହା ସମବାୟ ନିବନ୍ଧକଙ୍କ ଦାୟିତ୍ୱ ବୋଲି ସେ କହିଥିଲେ। ଅପରପକ୍ଷେ ସମସ୍ୟା ସମାଧାନ ପାଇଁ ଉଦ୍ୟମ ଚାଲିଛି ବୋଲି ବାଙ୍କୀ ସମବାୟ ସର୍କଲ ସହକାରୀ ନିବନ୍ଧକ ସରୋଜ କାନ୍ତ ଜେନା କହିଛନ୍ତି।

**କାଳିପୋଇ ସେବା ସମବାୟ ସମିତି**
- ୨ମାସ ହେବ ବନ୍ଦ ରହିଛି କାର୍ଯ୍ୟାଳୟ
- ସମ୍ପାଦକଙ୍କ ନିଲମ୍ବନକୁ ନେଇ ତୁଟୁନି ବିବାଦ
- ମଣ୍ଡିରେ ଧାନ ବିକ୍ରି ବନ୍ଦ
- କାଳିଆ ଯୋଜନାରେ ହୋଇପାରୁନି ଆବେଦନ

## ବାଙ୍କୀ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ
# ସେମିଫାଇନାଲରେ କଟକ ମଙ୍ଗଳା କ୍ଲବ

**ବାଙ୍କୀ,୩୧।୧(ସ୍ୱ.ପ୍ର.)**

ବାଙ୍କୀ ଆଥଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ଗୁରୁବାର ୫ମ ଦିନରେ ଧର୍ମଶାଳା ସ୍ପୋର୍ଟ୍ସ ଏକାଦଶ ଓ ମଙ୍ଗଳା କ୍ଲବ କଟକ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରେ ମଙ୍ଗଳା କ୍ଲବ କଟକ ୪-୦ ଗୋଲରେ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି । ସାମାଜିକ କର୍ମୀ ଦୀପକ କୁମାର ସାହୁ ମୁଖ୍ୟଅତିଥି ଓ ପ୍ରତାପ ଚନ୍ଦ୍ର ମହାପାତ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ମ୍ୟାଚକୁ ରଜାକ୍ ଖାନ୍, କୃପାସିନ୍ଧୁ ପ୍ରଧାନ, ତପନ କୁମାର ନାୟକ ଓ ନିରଞ୍ଜନ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ। ଶୁକ୍ରବାର ମଙ୍ଗଳା କ୍ଲବ କଟକ ଓ ସ୍ପୋର୍ଟ୍ସ ହଷ୍ଟେଲ କଟକ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି ସାଧାରଣ ସମ୍ପାଦକ ସନ୍ତୋଷ କୁମାର ରଣା ପ୍ରକାଶ କରିଛନ୍ତି।

# ଗୋରଖନାଥ ପୀଠରେ ଟ୍ରଷ୍ଟବୋର୍ଡ ଗଠନ

**ରଘୁନାଥପୁର,୩୧।୧(ଡି.ଏନ୍.ଏ.)**

ବିଭୂତି କ୍ଷେତ୍ର ରୂପେ ପ୍ରସିଦ୍ଧ ହୋଇଥିବା ରଘୁନାଥପୁର ବ୍ଲକ ଛପଡ଼ା ପଞ୍ଚାୟତ କେରେକେରାସ୍ଥିତ ପ୍ରଭୁ ଗୋରଖନାଥଙ୍କ ପୀଠର ମଧ୍ୟବର୍ତ୍ତୀକାଳୀନ ଟ୍ରଷ୍ଟବୋର୍ଡ ଗଠନ କରାଯାଇଛି। ଏହାର କାର୍ଯ୍ୟକାଳ ଅବଧି ୨ବର୍ଷ ପର୍ଯ୍ୟନ୍ତ ରହିଛି। ଜଗତ୍‌ସିଂହପୁର ଉପଜିଲାପାଳ ମହେନ୍ଦ୍ର ପ୍ରସାଦ ମହାନ୍ତି ମ୍ୟାନେଜିଂ ଟ୍ରଷ୍ଟି ଥିବାବେଳେ ରଘୁନାଥପୁର ତହସିଲଦାର ଓ ତିର୍ତ୍ତୋଲ ଆଇଆଇସିଙ୍କ ସହ ମୋଟ ୧୧ଜଣ ସଭ୍ୟ ରହିଛନ୍ତି। ସ୍ଥାନୀୟ ଅଞ୍ଚଳର ପ୍ରଦୀପ ମହାନ୍ତି, ସୁରେନ୍ଦ୍ରନାଥ ସ୍ୱାଇଁ, ଆଇନଜୀବୀ ଜୀବନବଲ୍ଲଭ ମହାନ୍ତି, କ୍ଷୀରେଦ ମହାନ୍ତି, ସୁଶାନ୍ତ ଦାଶ, ପ୍ରମୋଦ ମହାନ୍ତି, ସୂର୍ଯ୍ୟନାରାୟଣ ପଣ୍ଡା ଓ ବାଦଲ କୁମାର ଯୋଗାଣିଆ ସଭ୍ୟ ଭାବେ ରହିଛନ୍ତି। ଏ ନେଇ ଆୟୋଜିତ ବୈଠକରେ ଆଇନଜୀବୀ ମହାନ୍ତିଙ୍କ ପରିଚାଳନାରେ ମ୍ୟାନେଜିଂ ଟ୍ରଷ୍ଟି ତଥା ଉପଜିଲାପାଳ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ରେଭିନ୍ୟୁ ଅଫିସର ପ୍ରମୋଦ କୁମାର ମହାପାତ୍ର ଓ ଅତିରିକ୍ତ ତହସିଲଦାର ମାନସ କୁମାର ତ୍ରିପାଠୀ ଉପସ୍ଥିତ ଥିଲେ। ଆଗାମୀ ଦିନରେ ପୀଠରେ ଉନ୍ନତିମୂଳକ କାର୍ଯ୍ୟ ପାଇଁ ବ୍ୟବସ୍ଥା କରାଯିବ ବୋଲି ମ୍ୟାନେଜିଂ ଟ୍ରଷ୍ଟି ମହାନ୍ତି ପ୍ରକାଶ କରିଛନ୍ତି।



ଗୋରଖନାଥଙ୍କ ପୀଠ ଟ୍ରଷ୍ଟବୋର୍ଡର ମ୍ୟାନେଜିଂ ଟ୍ରଷ୍ଟି ଓ ସଭ୍ୟମାନେ।

## ■ ପୁଣି ମୁଣ୍ଡ ଟେକିଲା ବଡ଼ମ୍ବାରେ ସବ୍‌ଜଜ୍ କୋର୍ଟ ପ୍ରତିଷ୍ଠା ଦାବି
# ଦାବିପୂରଣ ନ ହେବା ପର୍ଯ୍ୟନ୍ତ ବନ୍ଦ ରହିବ କୋର୍ଟ କାର୍ଯ୍ୟ

**ବଡ଼ମ୍ବା, ୩୧।୧**

ଦୀର୍ଘ ଦିନରୁ ବଡ଼ମ୍ବାରେ ଏକ ସବ୍ ଜଜ୍ (ସିଭିଲ ଜଜ୍ ସିନିୟର ଡିଭିଜନ)କୋର୍ଟ ପ୍ରତିଷ୍ଠା ପାଇଁ ଦାବି ହେଉଛି। ମାତ୍ର ରାଜ୍ୟ ସରକାର ତଥା ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ଏନେଇ ବଡ଼ମ୍ବା ଓକିଲ ସଂଘ ତରଫରୁ ଗୁରୁବାର ଏକ ଜରୁରୀ ବୈଠକ ଡକାଯାଇ ଦାବି ପୂରଣ ନହେବା ପର୍ଯ୍ୟନ୍ତ କୋର୍ଟ କାର୍ଯ୍ୟ ବନ୍ଦ କରି ଦେବାକୁ ନିଷ୍ପତ୍ତି ନିଆଯାଇଛି। ଫଳସ୍ୱରୂପ ବଡ଼ମ୍ବା ଜୁଡିସିଆଲ କୋର୍ଟ କାର୍ଯ୍ୟକୁ ଅଚଳ କରିଦିଆଯାଇଛି ବୋଲି ସଂଘର ସଭାପତି ଆଇନଜୀବୀ ଅମୀୟକୁମାର ପାଣିଗ୍ରାହୀ ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ କିଛିବର୍ଷ ତଳେ ସ୍ଥାନୀୟ ଲୋକଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ବଡ଼ମ୍ବାରେ ଏକ ସବ୍‌ଜଜ୍ କୋର୍ଟ ପ୍ରତିଷ୍ଠା ପାଇ ଦାବି ହୋଇଥିଲା। ଏନେଇ ସେତେବେଳେ ମାସାଧିକ କାଳ ଗଣଧାରଣା ଏବଂ ଆନ୍ଦୋଳନ ହୋଇଥିଲା । ଏବିଷୟରେ ରାଜ୍ୟ ସରକାର ଏବଂ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ମଧ୍ୟ ହୋଇଥିଲା। ମାତ୍ର ଏହି କୋର୍ଟ ପ୍ରତିଷ୍ଠା ନେଇ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆନଯିବାରୁ ଆଇନଜୀବୀମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ବାଧ୍ୟ ହୋଇ ଜୁଡିସିଆଲ କୋର୍ଟ କାର୍ଯ୍ୟକୁ ବନ୍ଦ କରିବାକୁ ସେମାନେ ନିଷ୍ପତ୍ତି ନେଇଛନ୍ତି ବୋଲି କହିଛନ୍ତି। ବରିଷ୍ଠ ଆଇନଜୀବୀ ସୂର୍ଯ୍ୟନାରାୟଣ ମିଶ୍ର, କୈଳାସଚନ୍ଦ୍ର ଜେନା, ନାରାୟଣ ଦାଶ, ପ୍ରଶାନ୍ତ କୁମାର ନାୟକ, ପ୍ରଭାକର ରାଉତ, ଅମୂଲ୍ୟ ପାଣିଗ୍ରାହୀଙ୍କ ସମେତ ବହୁ ଆଇନଜୀବୀ ଏହାକୁ ସମର୍ଥନ ଜଣାଇଥିବା ଓକିଲସଂଘ ସମ୍ପାଦକ ପରେଶ ମହାନ୍ତି କହିଛନ୍ତି।



ଆଇନଜୀବୀମାନେ ବଡ଼ମ୍ବା ଜୁଡିସିଆଲ୍ କୋର୍ଟ ଆଗରେ ଧାରଣାରେ ବସିଛନ୍ତି।

## ବିଜେଡିରେ ବିଭିନ୍ନ ଦଳୀୟ କର୍ମୀଙ୍କ ଯୋଗଦାନ

**ମାହାଙ୍ଗା, ୩୧।୧ (ସ୍ୱ.ପ୍ର.)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପରେ ଆସ୍ଥା ପ୍ରକଟ କରି ମାହାଙ୍ଗା ବ୍ଲକ ଅନ୍ତର୍ଗତ ଗୌଡପଡା ଡାକବଙ୍ଗଳାରେ ମଧୁପୁର ପଞ୍ଚାୟତର ବିଭିନ୍ନ ଦଳର କର୍ମୀ ଗୁରୁବାର ବିଜେଡିରେ ଯୋଗଦେଇଛନ୍ତି। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ବେଳେ ମଧୁପୁର ପଞ୍ଚାୟତ ବିଜେଡି ସଭାପତି ରବୀନ୍ଦ୍ର କୁମାର ବାଗ ଓ ସୁଦାମ ଚରଣ ବାଗ ଏହାର ନେତୃତ୍ୱ ନେଇଥିଲେ। ଏହି ଅବସରରେ ସୁଧାଂଶୁ ରାଉତ, ରତ୍ନାକର ଜେନା, ମଣ୍ଟୁ ଜେନା, ଆର୍ତ୍ତ ଜେନା , ଶରତ ଜେନା, ରଞ୍ଜିତ ଜେନା, ବିଶ୍ୱାନାଥ ସାମଲ, ପ୍ରହ୍ଲାଦ ଜେନା ଓ ରଞ୍ଜନ ଘଡେଇ ପ୍ରମୁଖ ବିଜେଡିରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ଶରତ ନାୟକ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଭିକାରୀ ଚରଣ ସ୍ୱାଇଁ, ଯୁବ ନେତା ଅଭୟ ବିଶ୍ୱାଳ, ସୁବାସ ଚନ୍ଦ୍ର ବାଗ, ଈଶ୍ୱରଚନ୍ଦ୍ର ନାୟକ ଓ ନରେନ୍ଦ୍ର ବାଗ ପ୍ରମୁଖ ଉପସ୍ଥିତ ଥିଲେ।

# ନ୍ୟାୟ ଦେବାରେ ପୋଲିସର ଅବହେଳା
# ଦଳିତ ଆଦିବାସୀ ମହାସଂଘର ବିକ୍ଷୋଭ

**ପୁରୀ ଅଫିସ,୩୧।୧**

ଜାତୀୟ ଦଳିତ ଆଦିବାସୀ ମହାସଂଘ, ଓଡ଼ିଶା ପକ୍ଷରୁ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଏବଂ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ମହାସଂଘ ପ୍ରତିନିଧି ୩ ଦଫା ସମ୍ବଳିତ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି। ପୂର୍ବାହ୍ନ ପ୍ରାୟ ସାଢେ ୧୧ଟାରେ ମହାସଂଘର ଶତାଧିକ ସଦସ୍ୟ ପିକେଡିଏ ଅଫିସ ନିକଟରୁ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ଭିତରକୁ ଧସେଇ ପଶିବାକୁ ଉଦ୍ୟମ କରୁଥିବା ବେଳେ ପୋଲିସ ଅଟକାଇଥିଲା। ଫଳରେ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଧାରଣାରେ ବସିଥିଲେ। ପୋଲିସର ବର୍ବରତା ବିରୋଧରେ ସେମାନେ ପ୍ରତିବାଦ କରିଥିଲେ।

ମହାସଂଘ ପକ୍ଷରୁ ଜିଲାପାଳଙ୍କୁ ପ୍ରଦାନ କରାଯାଇଥିବା ଦାବିପତ୍ରରେ ଦର୍ଶାଯାଇଛି ଯେ, ସତ୍ୟବାଦୀ, ପିପିଲି, ଚନ୍ଦନପୁର, ଡେଲାଙ୍ଗ, ବଳଙ୍ଗା ପ୍ରଭୃତି ଅଞ୍ଚଳରେ ଦିନକୁ ଦିନ ଅନୁସୂଚିତ ଜାତି ଉପରେ ଆକ୍ରମଣ, ହତ୍ୟା ଏବଂ ଅପହରଣ ହେଉଥିଲେ ମଧ୍ୟ ସେମାନଙ୍କୁ ନ୍ୟାୟ ମିଳୁନାହିଁ। ଏପରି କି ମାସ ମାସ ଧରି ଏହାର ତଦନ୍ତ କରାଯାଉ ନାହିଁ। ଅନ୍ୟପକ୍ଷରେ ମହାସଂଘର ୩ ଦଫା ଦାବି ମଧ୍ୟରେ ପିପିଲି ଥାନା ଅଧୀନ ମୁଦୁନିପୁର ଗ୍ରାମର ଅନୁସୂଚିତ ଜାତି ବର୍ଗର ସୁରେନ୍ଦ୍ର ବେହେରାଙ୍କ ହତ୍ୟା ଘଟଣାରେ ଅଭିଯୁକ୍ତ ପ୍ରଫୁଲ୍ଲଙ୍କୁ ୪୮ ଘଣ୍ଟା ମଧ୍ୟରେ ଗିରଫ ସହିତ ନିର୍ଯାତିତ ପରିବାରକୁ ଅତ୍ୟାଚାର ନିରାକରଣ ଆଇନ ଅନୁଯାୟୀ କ୍ଷତିପୂରଣ ଦିଆଯାଉ। ସତ୍ୟବାଦୀ ଥାନା ଅନ୍ତର୍ଗତ ମହାବଳପଡ଼ା ଗ୍ରାମର ଗଦାଧର ଭୋଇଙ୍କୁ ଅପହରଣ ଏବଂ ବର୍ବରୋଚିତ ଆକ୍ରମଣ କରିଥିବା ଅଭିଯୁକ୍ତଙ୍କୁ ୪୮ ଘଣ୍ଟା ମଧ୍ୟରେ ଗିରଫ କରାଯାଉ। ସେହିପରି ନ୍ୟାୟ ଦେବାରେ ଅବହେଳା ଏବଂ ଅଭିଯୁକ୍ତଙ୍କୁ ସହଯୋଗ କରିଥିବା ପିପିଲି ଏସ୍‌ଡିପିଓଙ୍କୁ ଏସ୍‌ସି/ଏସ୍‌ଟି ଆଇନରେ ଗିରଫ ସହ ବହିଷ୍କାର କରାଯାଉ ବୋଲି ଦାବି କରାଯାଇଛି।

ମହାସଂଘ ପୁରୀ ଜିଲା ସଭାପତି ଜୟଦେବ ବେହେରାଙ୍କ ନେତୃତ୍ୱରେ ଏହି ବିକ୍ଷୋଭ ଏବଂ ଧାରଣା ଅନୁଷ୍ଠିତ ହୋଇଥିଲା। ଏଥିରେ ଲିଟୁ ଦାସ, ପ୍ରକାଶ ଚନ୍ଦ୍ର ପ୍ରଧାନ, ଟିଙ୍କିନା ପରିଡ଼ା, ଜଗନ୍ନାଥ ଭୋଇ, ବିଜୟ ଭୋଇ, କାଳନ୍ଦୀ ଭୋଇ, ବୈକୁଣ୍ଠ ମାଝି, ରମେଶ ବେହେରା, ମିନତୀ ବେହେରା, ସୁଷମା ବେହେରା ପ୍ରମୁଖ ସାମିଲ ଥିଲେ।

# ପ୍ରତ୍ୟେକ କ୍ଷେତ୍ରରେ କିନ୍ନରଙ୍କୁ ସାମିଲ କରିବାକୁ ଆହ୍ୱାନ

**ସାଲେପୁର, ୩୧।୧ (ଡି.ଏନ୍.ଏ.)**

ସାଲେପୁର କୋର୍ଟ ପରିସରରେ ଗୁରୁବାର ସାଲେପୁର ତାଲୁକ୍ ଆଇନସେବା କମିଟି ତରଫରୁ କିନ୍ନରମାନଙ୍କୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ କରିବା ପାଇଁ ଏହି କର୍ମଶାଳା ଆୟୋଜନ କରାଯାଇଥିଲା। ତାଲୁକ୍ ଆଇନସେବା କମିଟିର ଚେୟାରମ୍ୟାନ୍ ତଥା ଅତିରିକ୍ତ ଦୌରାଜଜ୍ ଶରତ କୁମାର ଦେହୁରି ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତାଭାବେ ସିନିୟର୍ ସିଭିଲ୍ ଜଜ୍ ପ୍ରଦୀପ କୁମାର ସାମଲ, ସମ୍ମାନିତ ଅତିଥି ସିଭିଲ୍ ଜଜ୍ ଜୁନିୟର୍ ଡିଭିଜନ୍ ପୃଥ୍ୱୀରାଜ ପଧାନ, ପ୍ରଥମଶ୍ରେଣୀ ବିଚାରବିଭାଗୀୟ ବିଚାରପତି କୈଳାସ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଚେୟାରମ୍ୟାନ୍ ଦେହୁରି କିନ୍ନରମାନଙ୍କୁ ସାମାଜିକ, ଅର୍ଥନୈତିକ ଓ ଦୈନନ୍ଦିନ ଜୀବନ ସମେତ ସବୁକ୍ଷେତ୍ରରେ ସାମିଲ୍ କରିବାପାଇଁ ଆହ୍ୱାନ୍ ଦେଇଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ଆଇନ୍‌ଜୀବୀ ଗୌତମ ରାୟ ଚୌଧୁରୀ, ମାନସ କୁମାର ଦାସ, ନବକିଶୋର ଶତପଥୀ, ପଦ୍ମଲୋଚନ ସିଂ, ଜୟପ୍ରକାଶ ନାରାୟଣ ସେଠୀ, ହିମାଂଶୁ ନାୟକ ଓ ଜୟନ୍ତ ସାମନ୍ତରାୟ ପ୍ରମୁଖ ସହଯୋଗ କରିଥିଲେ। କର୍ମଶାଳାରେ କିନ୍ନରମାନଙ୍କ ନେତ୍ରୀ କାଜଲ୍ ମ୍ୟାମ୍, ସୁଇଟ୍ କିନ୍ନର ଓ ତାଙ୍କର ସାଥୀମାନେ ଉପସ୍ଥିତ ଥିଲେ। ଶେଷରେ ସାଲେପୁର ଅତିରିକ୍ତ ଦୌରାଜଜ୍ କୋର୍ଟରେ ସରକାରୀ ଓକିଲ ଜତିନ୍ଦ୍ର କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ।

# ବିଜେଡି ୱାର୍ଡ କମିଟି ବୈଠକ

**ମାହାଙ୍ଗା,୩୧।୧(ଡିଏନଏ)**

ମାହାଙ୍ଗା ବ୍ଲକ କୁହୁଣ୍ଡା ପଞ୍ଚାୟତ ଅନ୍ତର୍ଗତ କୋଠପଦା ମିନି ଷ୍ଟାଡିୟମ ପ୍ରାଙ୍ଗଣରେ ଗୁରୁବାର ବିଜେଡିର ୱାର୍ଡ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ଅଖିଳେଶ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୪୦ ନଂ ଜୋନ ଜିଲା ପରିଷଦ ସଭ୍ୟ ହୃଷୀକେଶ ସ୍ୱାଇଁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଥିଲେ। ବୈଠକରେ ରାଜ୍ୟ ସରକାରଙ୍କ ବିକାଶମୂଳକ ଯୋଜନା କିପରି ପଞ୍ଚାୟତର ପ୍ରତ୍ୟେକ ପରିବାର ପାଖରେ ପହଞ୍ଚିବ ସେନେଇ ଆଲୋଚନା ହୋଇଥିଲା। ଦଳର ସଙ୍ଗଠକ ଓ କମିଟି ସଦସ୍ୟମାନେ ଘରଘର ବୁଲି ଏହାର ତଦାରଖ କରିବାକୁ ସ୍ୱାଇଁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ପଞ୍ଚାୟତ ପର୍ଯ୍ୟବେକ୍ଷକ ଯଦୁନାଥ ନାୟକ, ପଞ୍ଚାୟତ ବିଜେଡି ସଭାପତି ରାଧାନାଥ ରାଉତ, ଶିକ୍ଷକ ନେତା ଅଲେଖ ଚନ୍ଦ୍ର ଦାସ, ରାମଚନ୍ଦ୍ର ମହାପାତ୍ର, ପ୍ରାକ୍ତନ ସରପଞ୍ଚ ହେମନ୍ତ ପ୍ରଧାନ, ସରପଞ୍ଚ କଳ୍ପନା ଜେନା, ସମିତି ସଭ୍ୟ ଲକ୍ଷ୍ମୀଧର ବେହେରା ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ କର୍ମୀମାନଙ୍କୁ ଅବଗତ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୈଠକରେ ପଞ୍ଚାୟତର ୧୩ଟି ୱାର୍ଡର ସମସ୍ତ ୱାର୍ଡସଭ୍ୟ, ଛାମୁଆ କର୍ମୀ ଓ ୨୧ ଜଣିଆ ୱାର୍ଡ କମିଟି ମେମ୍ବର ସମେତ ବହୁ କର୍ମୀ ଏଥିରେ ଉପସ୍ଥିତଥିଲେ।



କମିଟି ବୈଠକରେ ଯୋଗଦେଇଥିବା ବିଜେଡି କର୍ମୀମାନେ।

## ■ ବଡ଼ମ୍ବା କଲେଜ ସାହିତ୍ୟ ବିଭାଗର ଆଲୋଚନାଚକ୍ର
# 'ବୈକୁଣ୍ଠନାଥ ଥିଲେ ଓଡ଼ିଶା ସାହିତ୍ୟ ଜଗତର ରାଜହଂସ'

**ବଡ଼ମ୍ବା, ୩୧।୧**




ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିମାନେ।

ବଡ଼ମ୍ବା ମୋହନ ସୁବୁଦ୍ଧି ମହାବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଆନୁକୂଲ୍ୟରେ 'ଓଡ଼ିଆ ସାହିତ୍ୟ ଜଗତକୁ ସବୁଜକବି ବୈକୁଣ୍ଠନାଥ ପଟ୍ଟନାୟକଙ୍କ ଅବଦାନ' ଶୀର୍ଷକ ଏକ ଆଲୋଚନାଚକ୍ର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ସାହିତ୍ୟିକ ହୁସେନ ରବି ଗାନ୍ଧୀ ଯୋଗଦେଇ କହିଥିଲେ, ସବୁଜକବି ବୈକୁଣ୍ଠନାଥ ପଟ୍ଟନାୟକ ଓଡ଼ିଶା ସାହିତ୍ୟ ଜଗତର ଜଣେ ରାଜହଂସ। କବି ସ୍ୱର୍ଗତ ପଟ୍ଟନାୟକଙ୍କୁ ସେ କବି ଗୁରୁ ଭାବେ ବିବେଚନା କରିବା ସହ ତାଙ୍କ ରଚନାସମୂହରେ ଥିବା ସବୁଜସୁଲଭ, ତାରୁଣ୍ୟ, ସୂକ୍ଷ୍ମ ଦାର୍ଶନିକ ଦୃଷ୍ଟିଭଙ୍ଗୀ, ଅତି ଭୌତିକ ଅନୁଚିନ୍ତା ଓ ରହସ୍ୟବାଦର ସମ୍ମିଶ୍ରଣକୁ ପ୍ରଶଂସା କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ କୁମାରେଶ ରଥଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ବିଭାଗୀୟ ମୁଖ୍ୟ ସରିତା ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ । ପ୍ରାରମ୍ଭରେ ବିଭାଗର ବରିଷ୍ଠ ଅଧ୍ୟାପିକା ଡ.ସୁବାସିନୀ ସାହୁ କବି ବୈକୁଣ୍ଠନାଥଙ୍କ ଉପରେ ରଚନା କରିଥିବା ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ଆଲୋଚନାଚକ୍ରରେ ଭାଷା ସାହିତ୍ୟର ଗବେଷକ ପ୍ରାଧ୍ୟାପକ ଡ.ନାରାୟଣ ପଣ୍ଡା ମୁଖ୍ୟବକ୍ତାଭାବେ ଯୋଗଦେଇ କବି ବୈକୁଣ୍ଠନାଥଙ୍କ ରଚନାସମୂହ କାଳଜୟୀ ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟତମ ବକ୍ତାଭାବେ ମହାବିଦ୍ୟାଳୟର ଇଂଲିଶ ବିଭାଗ ମୁଖ୍ୟ ଅଧ୍ୟାପକ ମାନଗୋବିନ୍ଦ ପାତ୍ର ଉପସ୍ଥିତ ରହି ଓଡ଼ିଆ ଭାଷା ସାହିତ୍ୟ ଏବଂ ଇଂଲିଶ୍ ଭାଷା ସାହିତ୍ୟ ମଧ୍ୟରେ ଥିବା ସାମଞ୍ଜସ୍ୟ ଉପରେ ଏକ ତୁଳନାତ୍ମକ ଟିପ୍ପଣୀ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ ଓଡ଼ିଆ ଅଧ୍ୟାପିକା ସୌଦାମିନୀ ନାୟକ, ବିଭାଗୀୟ ଛାତ୍ରୀ ସ୍ମିତାରାଣୀ ସାହୁ ଓ ଛାତ୍ର ଭାଗୀରଥି ରାଉତ ଯୋଗଦେଇ ବୈକୁଣ୍ଠନାଥଙ୍କ ଉପରେ ଲେଖିଥିବା ସାରଗର୍ଭକ ସନ୍ଦର୍ଭ ପାଠ କରିଥିଲେ । ଶେଷରେ ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ଲକ୍ଷ୍ମୀଧର ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ।



ବିଶ୍ରାମର ମାତ୍ରା ଯଦି ଅଧିକ ହୋଇଗଲା, ତେବେ ସେହି ବିଶ୍ରାମ ହିଁ କଷ୍ଟଦାୟକ ହୋଇପଡ଼େ।
- ହୋମର



## ସଂକ୍ଷେପରେ

### ଆଜି ସିଏମ୍‌ସିର ଶେଷ କାଉନସିଲ ବୈଠକ

**କଟକ ଅଫିସ,୩୧।୧:** କଟକ ମହାନଗର ନିଗମ(ସିଏମ୍‌ସି) କାଉନସିଲର କାର୍ଯ୍ୟକାଳ ଫେବୃୟାରୀ ୧୨ରେ ସରିବ। ଏହାପୂର୍ବରୁ ଶୁକ୍ରବାର ସିଏମ୍‌ସିର ଶେଷ କାଉନସିଲ ବୈଠକ ଅନୁଷ୍ଠିତ ହେବ। ୫ବର୍ଷ କାର୍ଯ୍ୟକାଳ ଭିତରେ କଟକ ସହରର ଉନ୍ନତି କିମ୍ବା ଅବନ୍ନତି ସମ୍ପର୍କରେ ଏହି ବୈଠକରେ ଅନ୍ତିମ ଆଲୋଚନା ହେବ। କେଉଁ କ୍ଷେତ୍ରରେ ଉନ୍ନୟନମୂଳକ କାର୍ଯ୍ୟ ହୋଇଛି ଓ କେଉଁ କ୍ଷେତ୍ରରେ ବାକି ରହିଛି ସେ ନେଇ କର୍ପୋରେଟରମାନେ ମତ ରଖିବେ। ପରବର୍ତ୍ତୀ ନିର୍ବାଚନ ପର୍ଯ୍ୟନ୍ତ ଆସନ୍ତା ୧୨ ତାରିଖଠାରୁ ସିଏମ୍‌ସିର ଦାୟିତ୍ୱ କୌଣସି ପ୍ରଶାସନିକ ଅଧିକାରୀଙ୍କ ହାତରେ ନ୍ୟସ୍ତ ରହିବ।

### ମହିଳାଙ୍କୁ କଟୁରି ଦେଖାଇ ସୁନାଚେନ ଲୁଟିନେଲେ

**କଟକ ଅଫିସ,୩୧।୧:** ବାଦାମବାଡି ଥାନା ଅନ୍ତର୍ଗତ ରକ୍ସି ଲେନ୍‌ରେ ଜଣେ ମହିଳାଙ୍କୁ କଟୁରି ଦେଖାଇ ଦୁର୍ବୃତ୍ତମାନେ ସୁନା ଚେନ ଲୁଟି ନେଇଛନ୍ତି। ମହିଳା ଜଣକ ଏ ନେଇ ବାଦାମବାଡି ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତନାଘନା ଚଳାଇଛି। ଲୁଟ୍‌ର ଶିକାର ମହିଳା ହେଉଛନ୍ତି ମିତା ସାହା। ସେ ସ୍ଥାନୀୟ ଅଞ୍ଚଳରେ ଘରଭଡା ନେଇ ରହୁଛନ୍ତି। ଗୁରୁବାର ସନ୍ଧ୍ୟାରେ ସେ ରକ୍ସି ଲେନ୍ ଦେଇ ଚାଲି ଚାଲି ଯାଉଥିଲେ। ଦୁଇଜଣ ଦୁର୍ବୃତ୍ତ ଏକ ବାଇକରେ ଆସି ମିତାଙ୍କ ପାଖରେ ଅଟକି ଥିଲେ। ବାଇକ୍‌ର ପଛରେ ବସିଥିବା ଯୁବକ ଏକ କଟୁରୀ ଦେଖାଇ ମିତାଙ୍କୁ ଭୟଭୀତ କରିବା ପରେ ତାଙ୍କ ବେକରୁ ସୁନା ଚେନ ଝାମ୍ପିନେଇ ଫେରାର ହୋଇଯାଇଥିଲେ। ପୋଲିସ ଉକ୍ତ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜକୁ ଯାଞ୍ଚ କରି ଘଟଣାର ତଦନ୍ତ ଚଳାଇଛି।

### ରାଜ୍ୟ ଟେନିସ ଭଲିବଲ ଦଳର ମଧ୍ୟପ୍ରଦେଶ ଯାତ୍ରା

**କଟକ ଅଫିସ,୩୧।୧:** ଫେବୃୟାରୀ ୧ରୁ ୩ ତାରିଖ ପର୍ଯ୍ୟନ୍ତ ମଧ୍ୟପ୍ରଦେଶର ଡାବରାଠାରେ ୨୦ତମ ଜାତୀୟ ମିନି ଓ ୟୁଥ୍ ଜାତୀୟ ଟେନିସ ଭଲିବଲ ଚାମ୍ପିୟନଶିପ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତା ନିମନ୍ତେ ରାଜ୍ୟ ଦଳ ଗୁରୁବାର କଟକ ରେଳ ଷ୍ଟେସନରୁ ମଧ୍ୟପ୍ରଦେଶ ଯାତ୍ରା କରିଛି। ଦଳରେ ସ୍ୱାଧୀନ କୁମାର ସାହୁ, ରୁଦ୍ରପ୍ରସାଦ ସାହୁ, ଲମ୍ବୋଧର ପୃଷ୍ଟି, ସୌଭାଗ୍ୟ ମହାନ୍ତି, ବିଶ୍ୱରଞ୍ଜନ ଗଡ଼ନାୟକ, ସୁଦର୍ଶନ ବାରିକ, ଦେବାଶିଷ ନାୟକ, ଶୁଭସଙ୍କେତ ମହାନ୍ତି, ମିତାଲି ସାହୁ, ସୁଜାତା ସାହୁ ରହିଛନ୍ତି। କୋଚ୍ ଭାବେ ସ୍ମୃତିରଞ୍ଜନ ମହାପାତ୍ର ଓ ମ୍ୟାନେଜର ଭାବେ ଅକ୍ଷୟ କୁମାର ପାଣିଗ୍ରାହୀ ଦଳ ସହ ଯାତ୍ରା କରିଛନ୍ତି। ରାଜ୍ୟ ସଂଘ ସମ୍ପାଦକ ଶଶୀକାନ୍ତ ନାୟକ, କୋଷାଧକ୍ଷ ଅର୍ଣ୍ଣବ କୁମାର ସିହ୍ନାକୁ ଦଳକୁ ଶୁଭେଚ୍ଛା ଜଣାଇଥିଲେ।

### ଆମ ପୋଲିସ କାର୍ଯ୍ୟକ୍ରମ

**ଚୌଦ୍ୱାର, ୩୧।୧(ଡି.ଏନ୍.ଏ.):** ଚୌଦ୍ୱାର ଥାନା ପରିସରରେ ମଙ୍ଗଳବାର ସନ୍ଧ୍ୟାରେ ଆମ ପୋଲିସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏସ୍‌ଆଇ ତପସ୍ୱିନୀ କାନୁନ୍‌ଗୋଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପୋଲିସ ଅଧିକାରୀ ବାଳକୃଷ୍ଣ ମହାନ୍ତି, ପୂର୍ବତନ କାଉନସିଲର ବିଷ୍ଣୁ ଚରଣ ପରିଡ଼ା, କରୁଣାକର ସାହୁ, ମନୋଜ ମହାନ୍ତି, ସେକ୍ ସାଜିଦ୍, ନାରୀନେତ୍ରୀ କିରଣବାଳା ନାୟକ, ସୁବୋଧ ନାୟକ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଜନସାଧାରଣଙ୍କ ଅଭିଯୋଗର ତୁରନ୍ତ କାର୍ଯ୍ୟାନୁଷ୍ଠାନ, ରାତ୍ରିକାଳୀନ ପାଟ୍ରୋଲିଂକୁ କଡାକଡି କରିବା, ଦୈବି ଦୁର୍ବିପାକ ଓ ଆକସ୍ମିକ ଦୁର୍ଘଟଣାରେ ତୁରନ୍ତ ପଦକ୍ଷେପ ନେବା ଉପରେ କାର୍ଯ୍ୟକ୍ରମରେ ଅତିଥିମାନେ ଆଲୋଚନା କରିଥିଲେ। ଏସ୍‌ଆଇ ପ୍ରହ୍ଲାଦ ପରିଡ଼ା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଓଟିଇଟି ପ୍ରଶ୍ନପତ୍ର ଲିକ୍ ଘଟଣା

# ପୋଲିସ ଚୁପ୍, ସରକାର ବି ଚୁପ୍

- ମୁଣ୍ଡ ଖେଳାଉନି କ୍ରାଇମବ୍ରାଞ୍ଚ
- ତଦନ୍ତକୁ ନେଇ ପ୍ରଶ୍ନ ଉଠାଇଲେ ପରୀକ୍ଷାର୍ଥୀ
- ଉଚ୍ଚ ଅଧିକାରୀଙ୍କ ସମ୍ପୃକ୍ତି ଅଭିଯୋଗ

**କଟକ ଅଫିସ, ୩୧।୧**

ଓଡିଶା ଟିଚର ଏଲିଜିବିଲିଟି ଟେଷ୍ଟ (ଓଟିଇଟି) ପ୍ରଶ୍ନପତ୍ର ଲିକ୍ ଘଟଣାକୁ ୧୫ ଦିନ ବିତିଲାଣି। ଏନେଇ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ କଟକ ମଙ୍ଗଳାବାଗ ଥାନାରେ ଅଭିଯୋଗ କରାଯାଇଥିଲା। ତଦନ୍ତରେ ପୋଲିସକୁ ସମସ୍ତ ସହଯୋଗ ଯୋଗାଇଦେବାକୁ କ୍ରାଇମବ୍ରାଞ୍ଚ ଏଡିଜି ସନ୍ତୋଷ ଉପାଧ୍ୟାୟ କହିଥିଲେ। ହେଲେ ପୋଲିସ କେବଳ ମାମଲା ରୁଜୁ କରି ହାତବନ୍ଧି ବସିଥିବାରୁ ଏହାର ତଦନ୍ତକୁ ନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଭଳି ଏକ ସମ୍ବେଦନଶୀଳ ମାମଲାକୁ ପୋଲିସ ସେତେଟା ଗୁରୁତ୍ୱ ଦେଉ ନ ଥିବାରୁ ଏଥିରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ସୁରକ୍ଷା ଦେବାକୁ ଯୋଜନା ହୋଇଥିବା ଚର୍ଚ୍ଚା ହେଉଛି। ଏହାକୁ ନେଇ ବୁଦ୍ଧିଜୀବୀ ଓ ପରୀକ୍ଷାର୍ଥୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ତଦନ୍ତ ନାଁରେ ପୋଲିସ ଓ କ୍ରାଇମବ୍ରାଞ୍ଚ ନାଟକ କରୁଥିବା ଅଭିଯୋଗ ହେଉଛି।

ଜାନୁୟାରୀ ୧୬ ତାରିଖରେ ଓଟିଇଟି ପରୀକ୍ଷା ଥିଲା। ଏଥିପାଇଁ ପୂର୍ବରୁ ବୋର୍ଡ ପକ୍ଷରୁ ୨୫୧ଟି ସେଣ୍ଟରକୁ ପ୍ରଶ୍ନପତ୍ର ପଠାଇ ଦିଆଯାଇଥିଲା। ପେପର-୧ ପରୀକ୍ଷା ଆରମ୍ଭ ହେବାର କିଛି ସମୟ ପରେ ପ୍ରଶ୍ନପତ୍ର ଲିକ୍ ହୋଇଥିଲା। ତୁରନ୍ତ ଯାଞ୍ଚ ପରେ ଦୁଇ ପ୍ରଶ୍ନପତ୍ର ମେଳ ଖାଇବାରୁ ପରୀକ୍ଷାକୁ ବାତିଲ କରିଆଯାଇଥିଲା। ୧୮ ତାରିଖରେ କ୍ରାଇମବ୍ରାଞ୍ଚ ଏଡିଜି ଉପାଧ୍ୟାୟ ଏହି ଘଟଣାର ତଦନ୍ତ କ୍ଷେତ୍ରରେ ପୋଲିସକୁ ଟେକ୍ନୋଲୋଜି ସହିତ ସମସ୍ତ ସହଯୋଗ ଯୋଗାଇ ଦିଆଯିବ ବୋଲି କହିଥିଲେ। ପରେ ବୋର୍ଡ ସଭାପତି ଡ. ଜାହାନ ଆରା ବେଗମ ମଙ୍ଗଳାବାଗ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୧୫/୧୯) ରୁଜୁ କରିଥିଲେ ମଧ ପ୍ରଶ୍ନପତ୍ର ଲିକ୍‌ର ଟିକିଏ ବି ସୁରାକ ପାଇବାରେ ବିଫଳ ହୋଇଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ବହୁ ଛୋଟ ମାମଲାକୁ କ୍ରାଇମବ୍ରଞ୍ଚ ଗୁରୁତ୍ୱର ସହ ନେଇ ନିଜ ଆଡୁ ତଦନ୍ତ କରିଥିବା ନଜିର ରହିଛି। ହେଲେ ପ୍ରଶ୍ନପତ୍ର ଲିକ୍ ଭଳି ବଡ଼ ଘଟଣାରେ କ୍ରାଇମବ୍ରାଞ୍ଚ ନିଜେ ତଦନ୍ତ ନ କରିବା ଓ ପୋଲିସ ଚୁପ୍ ବସିବା ନିଶ୍ଚିତ ଦୁଃଖର ବିଷୟ ହୋଇ ଓଟିଇଟି ପରୀକ୍ଷାର୍ଥୀମାନେ କହିଛନ୍ତି। ପରୀକ୍ଷାର୍ଥୀ ଅମୂଲ୍ୟ ସାହୁ କୁହନ୍ତି, ପ୍ରଶ୍ନପତ୍ର ଲିକ୍ ଘଟଣାରେ ରାଜ୍ୟ ସରକାରଙ୍କ ଉପରିସ୍ଥ ଅଧିକାରୀଙ୍କ ସମ୍ପୃକ୍ତି ରହିଛି। ତେଣୁ ଉଭୟ ପୋଲିସ ଓ କ୍ରାଇମବ୍ରାଞ୍ଚ ତଦନ୍ତ ବାହାନାରେ ସମୟ ଗଡ଼ାଇ ଘଟଣାକୁ ଚାପିଦେବାକୁ ବସିଛନ୍ତି। ରାଜ୍ୟ ସରକାର ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ସହ ଖେଳ ଖେଳୁଥିବା ଏଥିରୁ ସ୍ପଷ୍ଟ ବାରିହୋଇ ପଡୁଛି। ଯଦି ପୋଲିସ ଚୁପ୍ ବସୁଛି, ତେବେ ରାଜ୍ୟ ସରକାର, ଶିକ୍ଷା ବିଭାଗ ଓ ମନ୍ତ୍ରୀ କାହିଁକି ନୀରବ ରହୁଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି।

ଏନେଇ ଡିସିପି ଅଖିଳେଶ୍ୱର ସିଂ କୁହନ୍ତି, ଆମେ ତଦନ୍ତ ଚଳାଇଛୁ। ଏପର୍ଯ୍ୟନ୍ତ କିଛି ବି ସୁରାକ ମିଳିପାରୁନି। ଏହା ଏକ ବଡ଼ ଘଟଣା ହୋଇଥିବାରୁ ମାମଲାକୁ କ୍ରାଇମବ୍ରାଞ୍ଚ ତଦନ୍ତ କରିବ ବୋଲି ଆମେ ଭାବିଥିଲୁ। କିନ୍ତୁ ସେପରି କିଛି ହେଲା ନାହିଁ। ତଥାପି ଘଟଣାର ସତ୍ୟାସତ୍ୟ ପଦାକୁ ଆସିବ ବୋଲି ସେ କହିଛନ୍ତି।




କଟକ ମହାନଗର ନିଗମ ଅଧୀନ ୱାର୍ଡ-୧୩ ଅଞ୍ଚଳରେ ପରିମଳ ଅବ୍ୟବସ୍ଥାକୁ ନେଇ ଗୁରୁବାର ବାଲୁବଜାର ଛକଠାରେ ହିନ୍ଦୁସେନା ପକ୍ଷରୁ ରାସ୍ତାରେ ଟାୟାର ଜାଳି ବିକ୍ଷୋଭ ପ୍ରଦର୍ଶନ।

## ମୋ ସ୍କୁଲ ଅଭିଯାନ ପ୍ରକଳ୍ପ ଶୁଭାରମ୍ଭ

**ଚୌଦ୍ୱାର, ୩୧।୧(ଡି.ଏନ୍.ଏ.)**

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ କଖଡି ନୋଡାଲ ହାଇସ୍କୁଲରେ ମୋ ସ୍କୁଲ ଅଭିଯାନ ପ୍ରକଳ୍ପର ଶୁଭାରମ୍ଭ ହୋଇଯାଇଛି। ଚନ୍ଦ୍ରଶେଖର ପରିଡ଼ାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଓଡ଼ିଶା ଷ୍ଟେଟ୍‌ସ ଭାରତ ସ୍କାଉଟ୍ସ ଆଣ୍ଡ ଗାଇଡ୍‌ର ଯୁଗ୍ମ ସମ୍ପାଦକ ଭବାନୀ ପ୍ରସାଦ ମିଶ୍ର, ସରପଞ୍ଚ ଶାନ୍ତିପ୍ରିୟା ମହାନ୍ତି, ସମିତିସଭ୍ୟା ତଅପୋଇ ବେଦାନ୍ତ, ମହାଦେବ ମୁଦୁଲି, ସୁଶାନ୍ତ ନାୟକ, ପ୍ରତାପ କୁମାର ସାହୁ, ରାଜକିଶୋର ଖଟୁଆ ପ୍ରମୁଖ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ନିତିଶିକ୍ଷା ପ୍ରଦାନ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ମୁଖପତ୍ର 'ସୁରଭି' ଉନ୍ମୋଚିତ ହୋଇଥିଲା। ଏଥିସହ ପ୍ରଧାନଶିକ୍ଷକ ରାମଚନ୍ଦ୍ର ସାହୁଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ସଭାରେ ଓଷ୍ଟାର ଅରୁଣ ଉଦୟ ସ୍ୱାଇଁ, ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ତ୍ରିଲୋଚନ ରାଉତ, ମହାନଦୀ ଡିଗ୍ରୀ କଲେଜ ଅଧ୍ୟକ୍ଷ ବିକାଶ ଚନ୍ଦ୍ର ଖଟୁଆ ପ୍ରମୁଖ ଉପସ୍ଥିତ ଥିଲେ। ମୋ ସ୍କୁଲ ଫାଣ୍ଡିରୁ ନିର୍ମାଣ ହୋଇଥିବା ପାଠାଗାର, ବିଜ୍ଞାନାଗାର ଓ ମୁଖ୍ୟ ଫାଟକକୁ ଅତିଥି ଉଦ୍‌ଘାଟନ କରିଥିଲେ। ଶିକ୍ଷକ ଶିବ ପ୍ରସାଦ ପତି କାର୍ଯ୍ୟକ୍ରମ ସଂଯୋଜନା ଓ ବସନ୍ତ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

## ଭାଜପାର ପ୍ରତିବାଦ ସଭା

**ଚୌଦ୍ୱାର, ୩୧।୧ (ଡି.ଏନ୍.ଏ.)**

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅନ୍ତର୍ଗତ ମହିଷାଲଣ୍ଡା ଗ୍ରାମରେ ଶଙ୍କରପୁର ମଣ୍ଡଳ ଭାଜପା ପକ୍ଷରୁ ଏକ ପ୍ରତିବାଦ ସଭା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ଚନ୍ଦ୍ରଶେଖର ଭଗତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ରାଜ୍ୟ କୃଷକ ମୋର୍ଚ୍ଚାର ସମ୍ପାଦକ ସୁରତ ବିଶ୍ୱାଳ ଯୋଗଦେଇ ପ୍ରତି ପଞ୍ଚାୟତରେ ବହୁ ପଞ୍ଜୀକୃତ ଚାଷୀ କାଳିଆ ଯୋଜନାରୁ ବାଦ୍ ପଡିବା, ସରକାର ଚାଷୀଙ୍କ ମୂଳଦାବି ପ୍ରାଇସ୍, ପ୍ରେଷ୍ଟିଜ୍ ଓ ପେନସନ୍‌କୁ ଭୁଲି କାଳିଆ ଯୋଜନାରେ ସାମିଲ କରି ଭୁଆଁ ବୁଲାଉଥିବା ଲୋକମାନଙ୍କୁ ବୁଝାଇଥିଲେ। ପ୍ରଦୀପ କୁମାର ଶାହା ସଭା ପରିଚାଳନା କରିଥିଲେ। ଏଥିରେ ଆଠଗଡ଼ ପ୍ରଭାରୀ ହୃଷୀକେଶ ଜେନା, ସଞ୍ଜୟ ନାୟକ, ସୁବାସ ରାଉତ, ଅଲେଖ ଚନ୍ଦ୍ର ସାହୁ, ଫଗୁ ବେହେରା, ପ୍ରଦୀପ ରାଉତ, ଦୀପକ ପ୍ରଧାନ, ଅଭୟ ରାଉତ ପ୍ରମୁଖ ଯୋଗଦେଇଥିଲେ। ପ୍ରତି ପଞ୍ଚାୟତର ଗାଁ କୁ ଗାଁ ବୁଲି ଜନସଚେତନତା କାର୍ଯ୍ୟକ୍ରମ ଓ ପ୍ରତିବାଦ ସଭା ଆୟୋଜନ ଜାରି ରହିବ ବୋଲି ସମ୍ପାଦକ ବିଶ୍ୱାଳ କହିଥିଲେ।

## ମହିଳାଙ୍କ ବ୍ୟାଗ ଲୁଟ୍

**କଟକ ଅଫିସ, ୩୧।୧**

ଜଗତ୍‌ପୁର ଥାନା ଅଧୀନ ଗୋଲେଇ ଛକରେ ଗୁରୁବାର ଅପରାହ୍ନରେ ଜଣେ ମହିଳାଙ୍କଠାରୁ ବ୍ୟାଗ ଲୁଟ୍ ହୋଇଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ଗୋପବନ୍ଧୁ ସମବାୟ ନଗର ଅଞ୍ଚଳର କର୍ଫିନ ସ୍ୱାଇଁ। ସେ ଓ ତାଙ୍କ ସ୍ୱାମୀ ସ୍କୁଟିରେ ଯାଉଥିବାବେଳେ ପଛପଟୁ ଦୁଇ ଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ତାଙ୍କ ବ୍ୟାଗ୍ ଛଡାଇ ନେଇଥିଲେ। ବ୍ୟାଗ୍‌କୁ କର୍ଫିନ ଜାବୁଡି ଧରିବା ଫଳରେ ସେ ତଳେ ପଡ଼ି ଆହତ ହୋଇଥିଲେ। ପରେ ଦୁର୍ବୃତ୍ତମାନେ କଟକ ଆଡକୁ ପଳାଇ ଆସିଥିଲେ। କର୍ଫିନଙ୍କ ଅଭିଯୋଗକ୍ରମେ ଜଗତ୍‌ପୁର ପୋଲିସ ଏକ ମାମଲା(ନଂ.୪୩/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ବ୍ୟାଗରେ ଡେବିଟ୍ କାର୍ଡ, ୫ ହଜାର ଟଙ୍କା ସହ ଅନ୍ୟାନ୍ୟ ଦରକାରୀ କାଗଜପତ୍ର ଥିବା କର୍ଫିନ ଅଭିଯୋଗରେ ଦର୍ଶାଇଛନ୍ତି।

## ଓଏସ୍‌ଏଫ୍‌ସି ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା




**କଟକ ଅଫିସ,୩୧।୧**

ଓଡ଼ିଶା ରାଜ୍ୟ ଅର୍ଥ ନିଗମ (ଓଏସ୍‌ଏଫସି) ପକ୍ଷରୁ ଗୁରୁବାର ମୁଖ୍ୟ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଅବସର ନେଇଥିବା ୩ଜଣ ବରିଷ୍ଠ ପଦାଧିକାରୀଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ସେମାନଙ୍କ ନିଷ୍ଠାପର କାର୍ଯ୍ୟ ଓ କର୍ମମୟ ଜୀବନ ସମ୍ପର୍କରେ ଆଲୋଚନ ହୋଇଥିଲା। ଅବସର ନେଇଥିବା ୩ଜଣ ପଦାଧିକାରୀ ହେଲେ ଜାମିନୀକାନ୍ତ ସ୍ୱାଇଁ, ବୈରାଗୀ ଚରଣ ସାହୁ ଓ ବଂଶୀଧର ସାହୁ। କର୍ମଚାରୀ କଲ୍ୟାଣ ପାଣ୍ଠି ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଲୋକ ଦାସ ଅଧ୍ୟକ୍ଷତା କରିଥିଲେ। ନିଗମର ବରିଷ୍ଠ ଅଧିକାରୀ କାହ୍ନୁଚରଣ ପାଣିଗ୍ରାହୀ ଉପସ୍ଥିତ ଥିଲେ। କର୍ମଚାରୀ ସଂଘ ସଭାପତି ମାୟାଧର ମହାନ୍ତି, ସମ୍ପାଦକ ପ୍ରସନ୍ନ କୁମାର ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଉଗ୍ରସେନ ଜିଲା କଂଗ୍ରେସ ସାଧାରଣ ସମ୍ପାଦକ

**କଟକ ସଦର, ୩୧।୧(ଡି.ଏନ୍.ଏ.)**

ନିଖିଳ ଭାରତ କଂଗ୍ରେସ କମିଟିର ଅନୁମୋଦନ କ୍ରମେ କଟକ ଜିଲା କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ଭାବେ ଉଗ୍ରସେନ ଭୂୟାଁଙ୍କୁ ନିଯୁକ୍ତି ଦିଆଯାଇଛି। ଜିଲା ସଭାପତି ଗୁରୁପଦ ନନ୍ଦ ନୂତନ ନିଯୁକ୍ତି ସମ୍ପର୍କରେ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି। ପୂର୍ବରୁ ଭୂୟାଁ କଟକ ସଦର ବ୍ଲକ ପଛୁଆ ବର୍ଗ କମିଟିର ସଭାପତି, କଟକ ଜିଲା ଯୁବ କଂଗ୍ରେସର ସାଧାରଣ ସମ୍ପାଦକ ଭାବେ ଦାୟିତ୍ୱ ତୁଲାଇଥିଲେ।

## ପ୍ଲାଷ୍ଟିକ ମୁକ୍ତ ସଚେତନତା ଶୋଭାଯାତ୍ରା




ପ୍ଲାଷ୍ଟିକ ବର୍ଜନ ପାଇଁ ବାହାରିଥିବା ଶୋଭାଯାତ୍ରା।

**ଫୁଲନଖରା, ୩୧।୧(ଡି.ଏନ୍.ଏ.)**

କଟକ ମହାନଗର ନିଗମ ଅଧୀନ ଫୁଲନଖରା ଛକରେ ୫୯ନଂ. ୱାର୍ଡ ବିଜୁ ଯୁବ ବାହିନୀ ପକ୍ଷରୁ ପ୍ଲାଷ୍ଟିକ ଓ ପଲିଥିନ ମୁକ୍ତ କଟକ ସହର ଗଢିତୋଳିବା ପାଇଁ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ କର୍ପୋରେଟର ପ୍ରମୋଦ କୁମାର ମହାପାତ୍ର ମୁଖ୍ୟଅତିଥି, ବିଜୁ ଯୁବ ବାହିନୀ ସଂଯୋଜକ ବସନ୍ତ କୁମାର ସାହୁ, ୱାର୍ଡ ସଭାପତି ନୃସିଂହ ଚରଣ ସାହୁ, ସୁକାନ୍ତ ଭୋଇ, ଅରବିନ୍ଦ ନନ୍ଦ ସାମିଲ ହୋଇ ଜନସାଧାରଣ ଓ ଦୋକାନୀମାନଙ୍କୁ ପ୍ଲାଷ୍ଟିକ ଏବଂ ପଲିଥିନ୍ ବର୍ଜନ କରିବା ପାଇଁ ନିବେଦନ କରିଥିଲେ।

## ଅବସରପ୍ରାପ୍ତ କର୍ମଚାରୀଙ୍କ ବୈଠକ

**ଖୁଣ୍ଟୁଣୀ,୩୧।୧(ଡି.ଏନ୍.ଏ)**

୩ଦଫା ଦାବି ନେଇ ବୁଧବାର ଅବସରପ୍ରାପ୍ତ କର୍ମଚାରୀ ଓ ଶିକ୍ଷକ ବିକାଶ ମଞ୍ଚ ଆଠଗଡ ପକ୍ଷରୁ କୁଲାଇଲୋ ହନୁମାନ ମନ୍ଦିର ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। କର୍ମଚାରୀ ସଂଘର ସଭାପତି ପ୍ରତାପ ରୁଦ୍ର ବେଉରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ନରସିଂହପୁର, ବଡମ୍ବା, ଆଠଗଡ ଓ ତିଗିରିଆ ବ୍ଲକର ୫୦ରୁ ଊର୍ଦ୍ଧ୍ୱ ଅବସରପ୍ରାପ୍ତ କର୍ମଚାରୀ ପ୍ରତିନିଧି ଯୋଗଦେଇଥିଲେ। ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀଙ୍କୁ ଚିକିତ୍ସା ଭତ୍ତା ପ୍ରଦାନ, ତ୍ରୁଟିପୂର୍ଣ୍ଣ ପେନସନ ଫର୍ମୁଲା ଉଚ୍ଛେଦ ଓ ସର୍ବନିମ୍ନ ପେନସନ ନିର୍ଦ୍ଧାରଣ ଆଦି ଦାବି ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ ଏହା ପୂରଣ ହୋଇପାରି ନ ଥିବାରୁ ସଂଘ ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଥିଲା। ବୈଠକରେ ବିକାଶ ମଞ୍ଚ ସଂଯୋଜକ ପ୍ରତାପ କିଶୋର ମହାପାତ୍ର, ରାଜକିଶୋର ଖଟୁଆ, ରମେଶ ଚନ୍ଦ୍ର ଶତପଥୀ, ବିଦ୍ୟାଧର ନାୟକ, ଭିକାରୀ ପ୍ରଧାନ, ଶ୍ରୀବତ୍ସ ନାୟକ, ଆନନ୍ଦ ଚନ୍ଦ୍ର ସଂଗ୍ରାମସିଂହ ଓ ଶ୍ରୀନିବାସ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ ନିମନ୍ତେ ସ୍ଥିର ହୋଇଥିଲା। କାର୍ଯ୍ୟକ୍ରମକୁ ବଳଭଦ୍ର କଟକିଆ, ରବିନ ମହାରଣା, ବସନ୍ତ ରାଉତ ପ୍ରମୁଖ ପରିଚାଳନା କରିଥିଲେ।




କଟକ କଳାବିକାଶ କେନ୍ଦ୍ର ଅଡିଟୋରିୟମରେ ଥିଏଟର ମୁଭମେଣ୍ଟ ପକ୍ଷରୁ ଚାଲିଥିବା ଗ୍ଲୋବାଲ ଥିଏଟର ଫେଷ୍ଟିଭାଲର ଗୁରୁବାର ଉଦ୍‌ଯାପନୀ ସନ୍ଧ୍ୟାରେ ଶିଶୁ କଳାକାରଙ୍କୁ ଡା. ଆଶୁତୋଷ ଦେବତ୍ତା ପୁରସ୍କୃତ କରୁଛନ୍ତି।

## କଟକ ସଦର ବ୍ଲକ କାର୍ଯ୍ୟାଳୟ

# ମହିଳା କର୍ମଚାରୀ, ଲୋକପ୍ରତିନିଧିଙ୍କ ପାଇଁ ନାହିଁ ପରିସ୍ରାଗାର

**କଟକ ସଦର, ୩୧।୧(ଡି.ଏନ୍.ଏ.)**

**୧୧୨ ବୁଥ୍‌ରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ**

କଟକ ସଦର ବ୍ଲକ କାର୍ଯ୍ୟାଳୟର ଉନ୍ନତି ନିମନ୍ତେ ରାଜ୍ୟ ସରକାର ପ୍ରତିବର୍ଷ ସ୍ୱତନ୍ତ୍ର ଅନୁଦାନ ପ୍ରଦାନ କରୁଛନ୍ତି। ଏଥିରେ ବ୍ଲକ କାର୍ଯ୍ୟାଳୟର କୋଠରିଗୁଡିକୁ ମାର୍ବଲ ଖଚିତ କରାଯିବା ସହ ଅଧିକାରୀମାନଙ୍କ ପ୍ରକୋଷ୍ଠକୁ ଶୀତତାପ ନିୟନ୍ତ୍ରିତ କରାଯାଉଛି। ଅଥଚ ମହିଳା କର୍ମଚାରୀ, ଲୋକ ପ୍ରତିନିଧିଙ୍କ ସମେତ ବିଭିନ୍ନ କାର୍ଯ୍ୟ ପାଇଁ ଆସୁଥିବା ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାମାନଙ୍କ ପାଇଁ ମୌଳିକ ଆବଶ୍ୟକତା ପରିସ୍ରାଗାରଟିଏ ନାହିଁ। ଫଳରେ ପ୍ରତିଦିନ ବ୍ଲକ କାର୍ଯ୍ୟାଳୟକୁ ଆସୁଥିବା ମହିଳାମାନେ ପାଖରେ ଥିବା ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟର ପରିସ୍ରାଗାର ଉପରେ ନିର୍ଭର କରିବାକୁ ପଡୁଛି। ଏହାଛଡା ଆସନ୍ତା ନିର୍ବାଚନ ପାଇଁ ଉକ୍ତ ବ୍ଲକର ବିଭିନ୍ନ ଅଞ୍ଚଳରେ ଥିବା ୧୩୨ଟି ବୁଥ୍ ମଧ୍ୟରୁ ୨୦ଟିରେ ପାଇଖାନା ଓ ପରିସ୍ରାଗାର ବ୍ୟବହାର ଉପଯୋଗୀ ରହିଥିବା ଗୁରୁବାର ବ୍ଲକ କାର୍ଯ୍ୟାଳୟରେ ନିର୍ବାଚନ ପରିଚାଳନା ସମ୍ବନ୍ଧୀୟ ସମୀକ୍ଷା ବୈଠକ ବେଳେ ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ, ୨୦୧୭-୧୮ ଆର୍ଥିକ ବର୍ଷରେ ବ୍ଲକ କାର୍ଯ୍ୟାଳୟର ସୌନ୍ଦର୍ଯ୍ୟକରଣ ପାଇଁ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ସ୍ୱତନ୍ତ୍ର ଅନୁଦାନ ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ପ୍ରଦାନ କରାଯାଇଥିଲା। ଉକ୍ତ ଅନୁଦାନକୁ ବିଭିନ୍ନ କାର୍ଯ୍ୟରେ ବ୍ୟୟ କରାଯାଉଥିବାବେଳେ ପରିସ୍ରାଗାର କଥା ସମସ୍ତେ ଭୁଲି ଯାଉଛନ୍ତି ବୋଲି ଏକ ସ୍ୱୟଂ ସହାୟକ ଗୋଷ୍ଠୀର ସଭାନେତ୍ରୀ ନିଜର ପରିଚୟ ଗୋପନ ରଖି କହିଛନ୍ତି। ଅନେକ ସମୟରେ ପୁରୁଷମାନଙ୍କ ପାଇଁ ନିର୍ମିତ ପରିସ୍ରାଗାରକୁ ମହିଳାମାନେ ବ୍ୟବହାର କରିବା ପାଇଁ ବାଧ ହେଉଛନ୍ତି। ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ପରିସ୍ରାଗାର ସ୍ୱତନ୍ତ୍ର ଡିଜାଇନରେ ନିର୍ମିତ ହୋଇଥାଏ। ତେଣୁ ବ୍ଲକ କାର୍ଯ୍ୟାଳୟଠାରୁ ଆରମ୍ଭ କରି ବିଦ୍ୟାଳୟସ୍ତରରେ ସ୍ୱଚ୍ଛ ଭାରତ ମିଶନ ଫେଲ୍ ମାରିଥିବା କଥା ଭାଜପା ମଣ୍ଡଳ ସଭାପତି ପୀୟୂଷ ରଞ୍ଜନ ପରିଡ଼ା ଅଭିଯୋଗ କରିଛନ୍ତି। ସମସ୍ୟା ସମ୍ପର୍କରେ ବିଡିଓ ଦେବାଶିଷ ପଟ୍ଟନାୟକଙ୍କୁ ପଚାରିବାରୁ ନୂତନ ଭାବେ କାର୍ଯ୍ୟରେ ଯୋଗ ଦେଇଥିବାରୁ ଏହା ଉପରେ କିଛି କହିପାରିବି ନାହିଁ ବୋଲି ପ୍ରକାଶ କରିଥିଲେ। ସୂଚନାଯୋଗ୍ୟ, ଉକ୍ତ ବ୍ଲକରେ ୱାର୍ଡ ମେମ୍ବରଠାରୁ ଆରମ୍ଭ କରି ଜିଲା ପରିଷଦ ସଭ୍ୟାଙ୍କ ସଂଖ୍ୟା ୨୧୬।




ରେଭେନ୍‌ଶା କଲିଜିଏଟ୍ ସ୍କୁଲ ନେତାଜୀ ଅଡିଟୋରିୟମରେ ଅନୁଷ୍ଠିତ ସ୍କୁଲର ବାର୍ଷିକ ପୁରସ୍କାର ବିତରଣୀ ଉତ୍ସବରେ ଯୋଗଦେଇଥିବା ଅତିଥିବୃନ୍ଦ।




କଟକ ନୟାବଜାର ହାଇସ୍କୁଲ ପରିସରରେ ଜିଲା ଜୁନିୟର ରେଡ୍‌କ୍ରସ ସୋସାଇଟି ଷ୍ଟଡି କମ୍ ଟ୍ରେନିଂ କ୍ୟାମ୍ପର ଉଦ୍‌ଯାପନୀ ସମାରୋହ ଅବସରରେ ଅନୁଷ୍ଠିତ ସଭାରେ ଯୋଗଦେଇଥିବା ଅତିଥିମାନେ।



କଟକ ବାରବାଟୀ ଷ୍ଟାଡିୟମ ପରିସରସ୍ଥ ସେଣ୍ଟ ଜାଭିୟର ହାଇସ୍କୁଲର ବାର୍ଷିକ ଉତ୍ସବରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।



ବିଶ୍ରାମର ମାତ୍ରା ଯଦି ଅଧିକ ହୋଇଗଲା, ତେବେ ସେହି ବିଶ୍ରାମ ହିଁ କଷ୍ଟଦାୟକ ହୋଇପଡ଼େ।
- ହୋମର



## ସଂକ୍ଷେପରେ

### ଚୋରି ଅଭିଯୋଗରେ ଜଣେ ଗିରଫ

**ଖୋର୍ଦ୍ଧା ଅଫିସ,୩୧।୧:** ଚୋରି ଅଭିଯୋଗରେ ଖୋର୍ଦ୍ଧା ସଦର ଥାନା ପୋଲିସ ଗୁରୁବାର ଜଣଙ୍କୁ ଗିରଫ କରିଛି। ସେ ହେଲେ ପଲ୍ଲାର ବିରଜା ନାୟକ(୨୫)। ସୂଚନା ଅନୁଯାୟୀ, ବିରଜା ଶିଆଳିଆଠାରେ ଥିବା ପ୍ରଫୁଲ୍ଲ ରଥଙ୍କ କ୍ରଶରରୁ କିଛି ଉପକରଣ ଚୋରି କରି କବାଡିଆକୁ ବିକ୍ରି କରିଥିଲା। ଏ ନେଇ ପ୍ରଫୁଲ୍ଲଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୧୪/୧୯) ରୁଜୁ କରି ତଦନ୍ତ ଚଳାଇଥିଲା।

### ୪ରେ ଧାରଣା ଦେବେ ସରପଞ୍ଚ, ୱାର୍ଡମେମ୍ବର

**ଖୋର୍ଦ୍ଧା ଅଫିସ,୩୧।୧:** ରାଜ୍ୟ ସରପଞ୍ଚ ମହାସଂଘ ପରିଚାଳନା କମିଟି ପକ୍ଷରୁ ଏକ ବୈଠକ ମହାସଂଘର କାର୍ଯ୍ୟାଳୟ ତମାଣ୍ଡୋଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ୧୧ଦଫା ଦାବି ନେଇ ଫେବୃୟାରୀ ୪ରେ ପିଏମଜି ଠାରେ ସରପଞ୍ଚ ଓ ୱାର୍ଡମେମ୍ବରମାନେ ସମୂହ ଧାରଣା ଦେବେ ବୋଲି ନିଷ୍ପତ୍ତି ହୋଇଛି। ଏନେଇ ରାଜ୍ୟ ସଭାପତି ଜଗମୋହନ ପ୍ରଧାନ ଏକ ପ୍ରେସ୍ ବିବୃତିରେ କହିଛନ୍ତି। ସରକାର ସରପଞ୍ଚ ଓ ୱାର୍ଡମେମ୍ବରମାନଙ୍କ ଦାବିକୁ ଅଣଦେଖା କରୁଛନ୍ତି। ସରପଞ୍ଚ ଓ ୱାର୍ଡମେମ୍ବରଙ୍କ ମାସିକ ଦରମା ଓ ଗସ୍ତ ଭତ୍ତା ଏବଂ ଅବସର ପରେ ପେନଶନ, ପଞ୍ଚାୟତ ସ୍ତରରେ ଖାଲିପଡିଥିବା ପିଅନ, ରାତ୍ର ଜଗୁଆଳି ପରି କର୍ମଚାରୀଙ୍କ ପଦବୀରେ ନିଯୁକ୍ତି, ଉନ୍ନୟନ କାର୍ଯ୍ୟରେ ଜିଲା ଓ ବ୍ଲକ ପ୍ରଶାସନର ସହଯୋଗ ଆଦି ଦାବି ନେଇ ମହାସଂଘ ଆନ୍ଦୋଳନକୁ ଓହ୍ଲାଇବ।

### ସାଂଗଠନିକ ବୈଠକ

**ବୋଲଗଡ,୩୧।୧(ଡି.ଏନ.ଏ.):** ଆଗାମୀ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ବିଭିନ୍ନ ଦଳ ଏବଂ ଆଶାୟୀ ପ୍ରାର୍ଥୀମାନେ ନିଜ ନିଜ ସପକ୍ଷରେ ସମର୍ଥକମାନଙ୍କୁ ସଂଗଠିତ କରିବା ପାଇଁ ଲାଗିପଡିଛନ୍ତି । ବେଗୁନିଆ ନିର୍ବାଚନ ମଣ୍ଡଳୀର ବୋଲଗଡ଼ ବ୍ଲକ ଅଞ୍ଚଳରେ ମଧ ଆଶାୟୀ ପ୍ରାର୍ଥୀମାନେ ସାଂଗଠନିକ ବୈଠକ କରୁଛନ୍ତି । 'ଆମ ଗାଁ ଆମ ସଂଗଠନ ଆମରି ବଳ' ଡାକରା ଦିଆଯାଇ କୃଷ୍ଣ ଚନ୍ଦ୍ର ବାରିକଙ୍କ ନେତୃତ୍ୱରେ ଏକ ସାଂଗଠନିକ ବୈଠକ ବଡକୁମାରୀ ପଞ୍ଚାୟତ ଅଧୀନ ସାନକୁମାରୀସ୍ଥିତ ମା'ମଙ୍ଗଳାଙ୍କ ନିକଟରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଉଭୟ ବୋଲଗଡ଼ ଏବଂ ବେଗୁନିଆ ବ୍ଲକର ୩୦୦ରୁ ଊର୍ଦ୍ଧ୍ୱ ସମର୍ଥକ ଓ କର୍ମୀ ଯୋଗଦେଇଥିଲେ।

### ଟାଙ୍ଗୀ ଅବସରପ୍ରାପ୍ତ କର୍ମଚାରୀ ସଂଘର ବାର୍ଷିକ ଅଧିବେଶନ

**ଟାଙ୍ଗୀ(ଖୋର୍ଦ୍ଧା),୩୧।୧(ଡି.ଏନ.ଏ.):** ଟାଙ୍ଗୀ ଅବସରପ୍ରାପ୍ତ କର୍ମଚାରୀ ସଂଘର ବାର୍ଷିକ ଅଧିବେଶନ ଉପସଭାପତି ବିବେକାନନ୍ଦ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନୂତନ କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା । ଏଥିରେ ହରିବନ୍ଧୁ ସାହୁ ସଭାପତି, ଡା. ମଧୁସୂଦନ ସେନାପତି କାର୍ଯ୍ୟକାରୀ ସଭାପତି, ବିବେକାନନ୍ଦ ଦାସ ଓ କୃଷ୍ଣମୋହନ ବେହେରା ଉପସଭାପତି, ଅରୁଣରଞ୍ଜନ ମହାନ୍ତି ସମ୍ପାଦକ, ଭଗବାନ ଚମ୍ପତି ଯୁଗ୍ମ ସମ୍ପାଦକ ଓ ଗୋବିନ୍ଦ ଚନ୍ଦ୍ର ସାହୁ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଥିବା ବେଳେ ୧୨ ଜଣ କାର୍ଯ୍ୟକାରୀ କମିଟିକୁ ମନୋନୀତ ହୋଇଥିବା ସମ୍ପାଦକ ଅରୁଣ ରଞ୍ଜନ ମହାନ୍ତି ଜଣାଇଛନ୍ତି।

### ଫୁଟବଲ: ଫାଇନାଲରେ ବାଲାଜୀ କ୍ଲବ

**ବେଗୁନିଆ,୩୧।୧(ଡି.ଏନ୍.ଏ.):** ବେଗୁନିଆ କଲେଜ ପଡିଆରେ ଅନୁଷ୍ଠିତ ୭ମ ବାର୍ଷିକ ବାବା ବାଲୁଙ୍କେଶ୍ୱର ଫୁଟବଲ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚରେ ଶରଣକୁଳ ଲଦୁକେଶ୍ୱର ଆଥଲେଟିକ କ୍ଲବକୁ ୪-୧ ଟାଇବ୍ରେକରରେ ହରାଇ ଜଟଣୀର ବାଲାଜୀ କ୍ଲବ ଫାଇନାଲରେ ପ୍ରବେଶ କରିଛି। ଏହି ମ୍ୟାଚ ସଂଘର୍ଷପୂର୍ଣ୍ଣ ହୋଇଥିଲା। ଫଳରେ ଦୁଇ ଟିମ୍ କେହି କାହା ଉପରେ ଗୋଲ ସ୍କୋର କରି ପାରି ନ ଥିଲେ। ଏହାପରେ ଟାଇବ୍ରେକରର ସହାୟତା ନିଆଯାଇଥିଲା। ଅତିଥିଭାବେ ସାମାଜିକକର୍ମୀ ପ୍ରକାଶ ଚନ୍ଦ୍ର ବିଜୁଳି ଏବଂ ପୂର୍ବତନ ଜିଲା ପରିଷଦସଭ୍ୟ ପ୍ରଦୀପ ନାୟକ ଯୋଗଦେଇ ମ୍ୟାଚକୁ ଶୁଭାରମ୍ଭ କରିଥିଲେ। ପ୍ରଫୁଲ୍ଲ କୁମାର ବେହେରା ମ୍ୟାଚକୁ ପରିଚାଳନା କରିଥିବା ବେଳେ ତାଙ୍କୁ ଅହମ୍ମଦ ଖାନ, ଦିଲୀପ କର, ଯୁଧିଷ୍ଠିର ବେହେରା ଲାଇନରେ ସହାୟତା କରିଥିଲେ। ଶୁକ୍ରବାର ୨ୟ ସେମିଫାଇନାଲ ଭୁବନେଶ୍ୱରର କଳିଙ୍ଗ କ୍ଲବ ଓ ଖୋର୍ଦ୍ଧାର ଶବର ସ୍ପୋର୍ଟିଂ କ୍ଲବ ମଧ୍ୟରେ ଅନୁଷ୍ଠିତ ହେବ।

■ ଓଟିଇଟି ପ୍ରଶ୍ନପତ୍ର ଲିକ୍ ଘଟଣା

# ପୋଲିସ ଚୁପ୍, ସରକାର ବି ଚୁପ୍

**କଟକ ଅଫିସ, ୩୧।୧**

■ମୁଣ୍ଡ ଖେଳାଉନି କ୍ରାଇମବ୍ରାଞ୍ଚ
■ତଦନ୍ତକୁ ନେଇ ପ୍ରଶ୍ନ ଉଠାଇଲେ ପରୀକ୍ଷାର୍ଥୀ
■ଉଚ୍ଚ ଅଧିକାରୀଙ୍କ ସମ୍ପୃକ୍ତି ଅଭିଯୋଗ

ଓଡିଶା ଟିଚର ଏଲିଜିବିଲିଟି ଟେଷ୍ଟ (ଓଟିଇଟି) ପ୍ରଶ୍ନପତ୍ର ଲିକ୍ ଘଟଣାକୁ ୧୫ ଦିନ ବିତିଲାଣି। ଏନେଇ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ କଟକ ମଙ୍ଗଳାବାଗ ଥାନାରେ ଅଭିଯୋଗ କରାଯାଇଥିଲା। ତଦନ୍ତରେ ପୋଲିସକୁ ସମସ୍ତ ସହଯୋଗ ଯୋଗାଇଦେବାକୁ କ୍ରାଇମବ୍ରାଞ୍ଚ ଏଡିଜି ସନ୍ତୋଷ ଉପାଧ୍ୟାୟ କହିଥିଲେ। ହେଲେ ପୋଲିସ କେବଳ ମାମଲା ରୁଜୁ କରି ହାତବନ୍ଧି ବସିଥିବାରୁ ଏହାର ତଦନ୍ତକୁ ନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଭଳି ଏକ ସମ୍ବେଦନଶୀଳ ମାମଲାକୁ ପୋଲିସ ସେତେଟା ଗୁରୁତ୍ୱ ଦେଉ ନ ଥିବାରୁ ଏଥିରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ସୁରକ୍ଷା ଦେବାକୁ ଯୋଜନା ହୋଇଥିବା ଚର୍ଚ୍ଚା ହେଉଛି। ଏହାକୁ ନେଇ ବୁଦ୍ଧିଜୀବୀ ଓ ପରୀକ୍ଷାର୍ଥୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ତଦନ୍ତ ନାଁରେ ପୋଲିସ ଓ କ୍ରାଇମବ୍ରାଞ୍ଚ ନାଟକ କରୁଥିବା ଅଭିଯୋଗ ହେଉଛି।

ଜାନୁୟାରୀ ୧୬ ତାରିଖରେ ଓଟିଇଟି ପରୀକ୍ଷା ଥିଲା। ଏଥିପାଇଁ ପୂର୍ବରୁ ବୋର୍ଡ ପକ୍ଷରୁ ୨୫୧ଟି ସେଣ୍ଟରକୁ ପ୍ରଶ୍ନପତ୍ର ପଠାଇ ଦିଆଯାଇଥିଲା। ପେପର-୧ ପରୀକ୍ଷା ଆରମ୍ଭ ହେବାର କିଛି ସମୟ ପରେ ପ୍ରଶ୍ନପତ୍ର ଲିକ୍ ହୋଇଥିଲା। ତୁରନ୍ତ ଯାଞ୍ଚ ପରେ ଦୁଇ ପ୍ରଶ୍ନପତ୍ର ମେଳ ଖାଇବାରୁ ପରୀକ୍ଷାକୁ ବାତିଲ କରିଆଯାଇଥିଲା। ୧୮ ତାରିଖରେ କ୍ରାଇମବ୍ରାଞ୍ଚ ଏଡିଜି ଉପାଧ୍ୟାୟ ଏହି ଘଟଣାର ତଦନ୍ତ କ୍ଷେତ୍ରରେ ପୋଲିସକୁ ଟେକ୍ନୋଲୋଜି ସହିତ ସମସ୍ତ ସହଯୋଗ ଯୋଗାଇ ଦିଆଯିବ ବୋଲି କହିଥିଲେ। ପରେ ବୋର୍ଡ ସଭାପତି ଡ. ଜାହାନ ଆରା ବେଗମ ମଙ୍ଗଳାବାଗ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୧୫/୧୯) ରୁଜୁ କରିଥିଲେ ମଧ ପ୍ରଶ୍ନପତ୍ର ଲିକ୍‌ର ଟିକିଏ ବି ସୁରାକ ପାଇବାରେ ବିଫଳ ହୋଇଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ବହୁ ଛୋଟ ମାମଲାକୁ କ୍ରାଇମବ୍ରଞ୍ଚ ଗୁରୁତ୍ୱର ସହ ନେଇ ନିଜ ଆଡୁ ତଦନ୍ତ କରିଥିବା ନଜିର ରହିଛି। ହେଲେ ପ୍ରଶ୍ନପତ୍ର ଲିକ୍ ଭଳି ବଡ଼ ଘଟଣାରେ କ୍ରାଇମବ୍ରାଞ୍ଚ ନିଜେ ତଦନ୍ତ ନ କରିବା ଓ ପୋଲିସ ଚୁପ୍ ବସିବା ନିଶ୍ଚିତ ଦୁଃଖର ବିଷୟ ହୋଇ ଓଟିଇଟି ପରୀକ୍ଷାର୍ଥୀମାନେ କହିଛନ୍ତି। ପରୀକ୍ଷାର୍ଥୀ ଅମୂଲ୍ୟ ସାହୁ କୁହନ୍ତି, ପ୍ରଶ୍ନପତ୍ର ଲିକ୍ ଘଟଣାରେ ରାଜ୍ୟ ସରକାରଙ୍କ ଉପରିସ୍ଥ ଅଧିକାରୀଙ୍କ ସମ୍ପୃକ୍ତି ରହିଛି। ତେଣୁ ଉଭୟ ପୋଲିସ ଓ କ୍ରାଇମବ୍ରାଞ୍ଚ ତଦନ୍ତ ବାହାନାରେ ସମୟ ଗଡ଼ାଇ ଘଟଣାକୁ ଚାପିଦେବାକୁ ବସିଛନ୍ତି। ରାଜ୍ୟ ସରକାର ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ସହ ଖେଳ ଖେଳୁଥିବା ଏଥିରୁ ସ୍ପଷ୍ଟ ବାରିହୋଇ ପଡୁଛି। ଯଦି ପୋଲିସ ଚୁପ୍ ବସୁଛି, ତେବେ ରାଜ୍ୟ ସରକାର, ଶିକ୍ଷା ବିଭାଗ ଓ ମନ୍ତ୍ରୀ କାହିଁକି ନୀରବ ରହୁଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି।

ଏନେଇ ଡିସିପି ଅଖିଳେଶ୍ୱର ସିଂ କୁହନ୍ତି, ଆମେ ତଦନ୍ତ ଚଳାଇଛୁ। ଏପର୍ଯ୍ୟନ୍ତ କିଛି ବି ସୁରାକ ମିଳିପାରୁନି। ଏହା ଏକ ବଡ଼ ଘଟଣା ହୋଇଥିବାରୁ ମାମଲାକୁ କ୍ରାଇମବ୍ରାଞ୍ଚ ତଦନ୍ତ କରିବ ବୋଲି ଆମେ ଭାବିଥିଲୁ। କିନ୍ତୁ ସେପରି କିଛି ହେଲା ନାହିଁ। ତଥାପି ଘଟଣାର ସତ୍ୟାସତ୍ୟ ପଦାକୁ ଆସିବ ବୋଲି ସେ କହିଛନ୍ତି।

## ସରସ୍ୱତୀ ଶିଶୁମନ୍ଦିର ବାର୍ଷିକୋତ୍ସବ



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

**ବେଗୁନିଆ,୩୧।୧(ଡି.ଏନ୍.ଏ)**

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ କଣ୍ଟାବାଡ ଗ୍ରାମସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ୧୧ତମ ବାର୍ଷିକ ଉତ୍ସବ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ସଭାପତି ମାନସ ରଞ୍ଜନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବୋଲଗଡ ପରମାନନ୍ଦ ମହାବିଦ୍ୟାଳୟର ପ୍ରାଧ୍ୟାପକ ରବୀନ୍ଦ୍ରନାଥ ପାଣିଗ୍ରାହୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଶିକ୍ଷା ବିକାଶ ସମିତି ଖୋର୍ଦ୍ଧା ସଂକୁଳର ପ୍ରମୁଖ ନଳୀନିକା ପଣ୍ଡା ମୁଖ୍ୟ ବକ୍ତା, ଅତିଥିଭାବେ ବେଗୁନିଆ ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ଦିଲ୍ଲୀପ କୁମାର ମହାପାତ୍ର ଓ ବେଣୁଧର ପଣ୍ଡା ଉପସ୍ଥିତ ଥିଲେ। ଏହି ଉତ୍ସବ ୨ ଦିନ ଧରି ଅନୁଷ୍ଠିତ ହେବ। ଏହି ଅବସରରେ ବିଦ୍ୟାଳୟ ପିଲାମାନଙ୍କ ଦ୍ୱାରା ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

## ଭାଜପାର ବୁଥ୍ କାର୍ଯ୍ୟକର୍ତ୍ତା ପ୍ରଶିକ୍ଷଣ ଶିବିର



ବୁଥ୍ କାର୍ଯ୍ୟକର୍ତ୍ତା ପ୍ରଶିକ୍ଷଣ ଶିବିରରେ ଭାଜପା କର୍ମକର୍ତ୍ତା।

**ଖୋର୍ଦ୍ଧା ଅଫିସ,୩୧।୧**

ଖୋର୍ଦ୍ଧା ବିଡିଏ କଲ୍ୟାଣ ମଣ୍ଡପଠାରେ ଜିଲା ବୁଥ କାର୍ଯ୍ୟକର୍ତ୍ତା ପ୍ରଶିକ୍ଷଣ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡା ଯୋଗଦେଇ କେନ୍ଦ୍ର ସରକାରଙ୍କ ବିକାଶମୂଳକ ଯୋଜନାର ସଫଳତା ସମ୍ପର୍କରେ ଲୋକମାନଙ୍କୁ ବୁଝାଅ ବୋଲି କାର୍ଯ୍ୟକର୍ତ୍ତାମାନଙ୍କୁ ଆହ୍ୱାନ ଦେଇଛନ୍ତି। ଏହା ସହ ତୃଣମୂଳସ୍ତରରୁ ସଙ୍ଗଠନକୁ ମଜଭୁତ କରିବା ଓ ଭୋଟରମାନଙ୍କୁ ବୁଥରେ ପହଞ୍ଚାଇବା ପାଇଁ ବ୍ୟବସ୍ଥା କରାଅ ବୋଲି କହିଥିଲେ। ଜିଲା ସଭାପତି ସୁବାସ ଜେନାଙ୍କ ସଭାପତିତ୍ୱରେ ରାଜ୍ୟ ଭାଜପା ନେତ୍ରୀ ଅପରାଜିତା ଷଡ଼ଙ୍ଗୀ କହିଥିଲେ, ଜିଲାରୁ ଭ୍ରଷ୍ଟାଚାର ହଟାଇବା ଓ ପରିବର୍ତ୍ତନ ଆଣିବାକୁ ହେଲେ ବୁଥ କାର୍ଯ୍ୟକର୍ତ୍ତାମାନେ ସୈନିକ ପରି କାମ କରିବାକୁ ହେବ। ପ୍ରତ୍ୟେକ ବିଧାନସଭା ନିର୍ବାଚନମଣ୍ଡଳୀରେ ଏକ ସ୍ୱତନ୍ତ୍ର ଫୋନ୍ ନମ୍ବର ରହିବ। ସମ୍ପୃକ୍ତ ଫୋନ ଯୋଗେ ସାଧାରଣ ଭୋଟର ଓ ଜନତା ସେମାନଙ୍କର ଅଭିଯୋଗ ସମ୍ପର୍କରେ ସୂଚନା ଦେଇପାରିବେ। ଖୋର୍ଦ୍ଧାର ପୂର୍ବତନ ବିଧାୟକ ଜିତୁ ମିତ୍ର କହିଥିଲେ, ଜିଲାର ଯେଉଁ ବୁଥରେ ଭାଜପା ସର୍ବାଧିକ ଭୋଟ ପାଇବ ସେହି ବୁଥର କାର୍ଯ୍ୟକର୍ତ୍ତାଙ୍କୁ ପୁରସ୍କୃତ କରାଯିବ। ଅନ୍ୟମାନଙ୍କ ମଧ୍ୟରେ ନିର୍ବାଚନମଣ୍ଡଳ ପ୍ରଭାରୀ ଊର୍ମିଳା ମହାପାତ୍ର, ବିସ୍ତାରକ ମନୋଜ ତ୍ରିପାଠୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିକୁଞ୍ଜ ପଟ୍ଟନାୟକ, ରଶ୍ମି ମହାପାତ୍ର, କାଳୁ ଖଣ୍ଡାୟତରାୟ ଓ ଅଜୟ ମିଶ୍ର, ଜିଲା ଉପସଭାପତି ବିଭୁପ୍ରସାଦ ସାହୁଙ୍କ ସମେତ ଜିଲାର ସମସ୍ତ ମଣ୍ଡଳ ଓ ବୁଥସ୍ତରୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଟାଙ୍ଗୀ(ଖୋର୍ଦ୍ଧା),୩୧।୧(ଡି.ଏନ.ଏ.)**

ଟାଙ୍ଗୀ ଅଞ୍ଚଳର ସର୍ବପୁରାତନ ଶିକ୍ଷାନୁଷ୍ଠାନ ବଳରାମଦେବ ବିଦ୍ୟାପୀଠର ପ୍ରଧାନଶିକ୍ଷକ ତ୍ରିନାଥ ଦାସଙ୍କୁ ଗୁରୁବାର ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଏହି ଉପଲକ୍ଷେ ବରିଷ୍ଠ ଶିକ୍ଷୟିତ୍ରୀ ମାନସୀ କୁମାରୀ ପରିଡାଙ୍କ ଅଧ୍ୟକ୍ଷତାରେ ଅୟୋଜିତ ସଭାରେ ଖୋର୍ଦ୍ଧା ବିଜେବି ହାଇସ୍କୁଲର ପ୍ରଧାନଶିକ୍ଷକ କିଶୋର ଚନ୍ଦ୍ର ପରମଗୁରୁ, ଶିକ୍ଷକନେତା ଲକ୍ଷ୍ମୀପ୍ରସାଦ ସାହୁ, ଟାଙ୍ଗୀ ଚାନ୍ଦପୁର ରୋଟାରୀ କ୍ଲବ ସଭାପତି ଡାଃ ମଧୁସୂଦନ ସେନାପତି, ପୁରାତନ ଛାତ୍ର ସଂସଦର ସଭାପତି ପଦ୍ମନାଭ ବିଶ୍ୱାଳ, ସମ୍ପାଦକ ବିଜୟ କୁମାର ରାଉତ, ଟାଙ୍ଗୀ ବାଳିକା ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକ ସନ୍ତୋଷ ଚନ୍ଦ୍ର କର ଯୋଗଦେଇ ବିଦାୟୀ ପ୍ରଧାନଶିକ୍ଷକଙ୍କ ବହୁବିଧ ଗୁଣର ଉଚ୍ଚପ୍ରଶଂସା କରିଥିଲେ। ପ୍ରଧାନଶିକ୍ଷକଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା।

## ଭାଗବତ ମହୋତ୍ସବ, ପ୍ରତିଯୋଗିତା

**ବୋଲଗଡ଼,୩୧।୧(ଡି.ଏନ.ଏ.)**

ବୋଲଗଡ଼ ବ୍ଲକ ଅସରଳାଠାରେ ଆୟୋଜିତ ହେଉଛି ସିଂହବାହିନୀ ମା'କାଳିକା ଭାଗବତ ମହୋତ୍ସବ ଓ ପ୍ରତିଯୋଗିତା କାର୍ଯ୍ୟକ୍ରମ । ଏହି ଅବସରରେ ଗୁରୁବାର ସନ୍ଧ୍ୟାରେ ଗ୍ରାମର ମା'କାଳିକାଙ୍କ ପୀଠରେ ଅସରଳା ଭାଗବତ ମଣ୍ଡଳୀ ପକ୍ଷରୁ ଖଞ୍ଜଣି ଭଜନ ପରିବେଷଣ ହୋଇଥିଲା। ପରେ ଗ୍ରାମର ମହାବୀର ଭଜନଧାରା ଅନୁଷ୍ଠାନ ପକ୍ଷରୁ ଭଜନ ଅନୁଷ୍ଠିତ ହୋଇଥିଲା। ଜଗନ୍ନାଥ ଦାସଙ୍କ ଲିଖିତ ଓଡିଆ ଭାଗବତରେ ଥିବା ଭାବ, ଜ୍ଞାନ, ତତ୍ତ୍ୱକୁ ନେଇ କରାଯାଇଥିବା ଭାଗବତ ପ୍ରତିଯୋଗିତାରେ ୩ ବ୍ଲକରୁ ୪ଟି ଭାଗବତ ମଣ୍ଡଳୀ ଅଂଶ ଗ୍ରହଣ କରିବେ। ଗ୍ରାମାଞ୍ଚଳ ସାଂସ୍କୃତିକ ଜୀବନରେ ଭାଗବତବାଣୀର ପ୍ରସାର, ପ୍ରଚାର ଓ ଖଞ୍ଜଣି ଭଜନର ମହତ୍ତ୍ୱ ନେଇ ଏଭଳି ପ୍ରତିଯୋଗିତା ହେଉଥିବା ଆୟୋଜକ ପ୍ରକାଶ କରିଛନ୍ତି।



ଭାଗବତ ମହୋତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।

■ ମହିଳାଙ୍କୁ ଖୁଣ୍ଟରେ ବାନ୍ଧି ମାଡ଼ ମାମଲା

## ଜଣଙ୍କୁ ୫ବର୍ଷ ୭ମାସ, ୪ ମହିଳାଙ୍କୁ ୨ବର୍ଷ ଜେଲ୍ ଦଣ୍ଡାଦେଶ

**ପୁରୀ ଅଫିସ,୩୧।୧**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ୍ ଅନ୍ତର୍ଗତ କୁମ୍ଭରୀ ଗ୍ରାମରେ ଜଣେ ମହିଳାଙ୍କୁ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ମାଡ଼ ମାରିବା ମାମଲାର ରାୟ ଗୁରୁବାର ପ୍ରକାଶ ପାଇଛି। ମାମଲାର ଶୁଣାଣି କରି ଏସ୍‌ଡିଜେଏମ୍ ଶୁଭାଶିଷ ଗିରି ୫ଜଣ ଅଭିଯୁକ୍ତଙ୍କ ମଧ୍ୟରୁ କୁମ୍ଭରି ଗ୍ରାମର ବାନାମ୍ବର ମୁଦୁଲିଙ୍କୁ ବିଭିନ୍ନ ଦଫାରେ ୫ବର୍ଷ ୭ମାସ ଓ ୪ଜଣ ମହିଳାଙ୍କୁ ୨ବର୍ଷ ଜେଲ୍ ଦଣ୍ଡାଦେଶ ଦେଇଛନ୍ତି। ତେବେ ଦଫା ୨୯୪ ଓ ୩୭୯ର କୌଣସି ରାୟ ଶୁଣାଣି ହୋଇନାହିଁ। ଅନ୍ୟପକ୍ଷରେ ଏହି ଘଟଣାରେ ସମ୍ପୃକ୍ତ ୪ଜଣ ନାବାଳକଙ୍କ ନାଁରେ ରହିଥିବା ମାମଲା ପୁରୀ ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡରେ ବିଚାରାଧୀନ ରହିଛି। ପ୍ରକାଶଯେ, କୁମ୍ଭରୀ ଗ୍ରାମର ବାନାମ୍ବର ଓ ରବି ନାରାୟଣ ମୁଦୁଲିଙ୍କ ମଧ୍ୟରେ କୌଣସି କାରଣକୁ ନେଇ ଶତ୍ରୁତା ରହିଥିଲା। ୨୦୧୫ ଜୁଲାଇ ୮ରେ ରବି ନାରାୟଣ ଘରେ ନ ଥିବାବେଳେ ଅପରାହ୍ନ ୪ଟାରେ ସ୍ତ୍ରୀ ମନମୋହିନ ଘରେ ଏକାକୀ ଥିବାବେଳେ ବାନାମ୍ବର ଓ ପରିବାର ଲୋକେ ପହଞ୍ଚି ତାଙ୍କୁ ଏକ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ମାଡ଼ ମାରିଥିଲେ। ପୋଲିସ ନଂ.୭୪/୧୫ ମାମଲା ରୁଜୁ କରି ଥିଲା।

## ତ୍ରିଲୋଚନେଶ୍ୱର ବିଦ୍ୟାପୀଠରେ ବାର୍ଷିକ ଉତ୍ସବ

**କୃଷ୍ଣପ୍ରସାଦ,୩୧।୧(ଡି.ଏନ.ଏ.)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଧୀନ ଅଲଣ୍ଡା ପଞ୍ଚାୟତ ତିଛିଣି ତ୍ରିଲୋଚନେଶ୍ୱର ବିଦ୍ୟାପୀଠର ୨୨ତମ ବାର୍ଷିକ ଉତ୍ସବ ଗୁରୁବାର ପାଳିତ ହୋଇଯାଇଛି । ଏହି ଅବସରରେ ତିଛିଣି ଗ୍ରାମ୍ୟ କମିଟି ସଭାପତି କେଦାରନାଥ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବ୍ରହ୍ମଗିରି ଭାଜପା ନେତା ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ମୁଖ୍ୟଅତିଥି, ବରିଷ୍ଠ ଶିକ୍ଷାବିତ୍ ବନ ବିହାରୀ ପଟ୍ଟନାୟକ ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବେ ସରପଞ୍ଚ ବୁଲାମଣି ତରେଇ, ସମିତି ସଭ୍ୟ ଉତ୍ତମ କୁମାର ତରେଇ, ମା'ମଙ୍ଗଳା ମଧ ଇଂରାଜୀ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଚକ୍ରଧର ମିସ୍ତ୍ରୀ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଜୟରାମ ଦାସ, ଓଷ୍ଟା ସଂଘ ସଭାପତି ପଦ୍ମ ଚରଣ ତରେଇ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦୁର୍ଯ୍ୟୋଧନ ଜେନା ପ୍ରମୁଖ ଉପସ୍ଥିତ ଥିଲେ । ପ୍ରଧାନ ଶିକ୍ଷକ ବାର୍ଷିକ ବିବରଣୀ ପାଠ କରିଥିଲେ । ସହକାରୀ ଶିକ୍ଷକ ଶ୍ୱେତ କୁମାର ଜେନା, ପ୍ରତାପ ମାଝି ମଞ୍ଚକାର୍ଯ୍ୟ ପରିଚାଳନା କରିଥିଲେ। କ୍ରୀଡା ଶିକ୍ଷକ ପ୍ରକାଶ କୁମାର ସିଂହଙ୍କ ନେତୃତ୍ୱରେ ବିଭିନ୍ନ ବିଭାଗର କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ସହିତ ପୁରସ୍କୃତ କରାଯାଇଥିଲା।

## ରାସ୍ତାରେ ଯୁବତୀଙ୍କୁ ଅସଦାଚରଣ, ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର, ୩୧।୧(ବ୍ୟୁରୋ)**

ନୟାପଲ୍ଲୀ ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କୁ ରାସ୍ତାରେ ଅଟକାଇ ଗାଳି ଗୁଲଜ ସହ ଅସଦାଚରଣ କରିବା ଅଭିଯୋଗରେ ପୋଲିସ ଗୁରୁବାର ସମ୍ପୃକ୍ତ ଗିରଫ କରିଛି। ସେ ହେଲେ ଆଇଗିଣିଆ ଫେଜ-୨ ଅଞ୍ଚଳରେ ରହୁଥିବା ନିତ୍ୟାନନ୍ଦ ପ୍ରଧାନ। ସୂଚନା ମୁତାବକ, ନୟାପଲ୍ଲୀ ଥାନା ରେଣ୍ଟାଲ କଲୋନୀ ଅଞ୍ଚଳରେ ବୁଧବାର ଜଣେ ଯୁବତୀ ଟ୍ୟୁଶନ ସାରି ଘରକୁ ଫେରୁଥିଲେ। ତାଙ୍କୁ ଏକତରଫା ପ୍ରେମ କରୁଥିବା ନିତ୍ୟାନନ୍ଦ ବାଟରେ ଅଟକାଇ ଟଣାଓଟରା କରିଥିଲେ। ଯୁବତୀ ଜଣକ ପ୍ରତିବାଦ କରିବାରୁ ନିତ୍ୟାନନ୍ଦ ତାଙ୍କୁ ଗାଳିଗୁଲଜ କରିଥିଲେ। ଘଟଣା ସମ୍ପର୍କରେ ସମ୍ପୃକ୍ତ ଯୁବତୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(୫୩/୧୮) ରୁଜୁ କରି ପଦକ୍ଷେପ ଗ୍ରହଣ କରିଛି।

## ଚୋରି ଅଭିଯୋଗରେ ୨ ଗିରଫ

**ଭୁବନେଶ୍ୱର,୩୧।୧(ବ୍ୟୁରୋ)**

ଶହୀଦ ନଗର ଥାନା ଅଞ୍ଚଳରେ ଅଟୋରେ ଯାଉଥିବା ଜଣେ କଲେଜ ଛାତ୍ରୀଙ୍କଠାରୁ ମୋବାଇଲ ଲୁଟ୍ ଅଭିଯୋଗରେ ଗୁରୁବାର ପୋଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନଙ୍କଠାରୁ ୩ଟି ମୋବାଇଲ ଓ ଗୋଟିଏ ବାଇକ୍‌କୁ ଜବତ ହୋଇଛି। ସେମାନେ ହେଲେ ୟୁନିଟ ୯ ଅଞ୍ଚଳର ଲୋକନାଥ ନାୟକ ଏବଂ ରାକେଶ ରେଡ୍ଡୀ। ସୂଚନା ମୁତାବକ ଶହୀଦ ନଗର ଅଞ୍ଚଳରେ ରହୁଥିବା ରୂପାଲି ଦାସ ଗତ ୨୭ରେ କଲେଜ ସାରି ସାଙ୍ଗମାନଙ୍କ ସହ ଅଟୋରେ ଘରକୁ ଫେରୁଥିବା ବେଳେ ଲୋକନାଥ ଓ ରାକେଶ ଏକ ବାଇକରେ ଆସି ତାଙ୍କ ହାତରୁ ମୋବାଇଲ ଛଡାଇ ଫେରାର ହୋଇଯାଇଥିଲେ। ଏ ନେଇ ରୂପାଲିଙ୍କ ବାପା ଥାନାରେ ଅଭିଯୋଗ କରିବା ପରେ ପୋଲିସ ୫୭/୧୯ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ପୋଲିସ ମୋବାଇଲ ନମ୍ବରକୁ ଟ୍ରାକ କରି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି।

## ବଢ଼ୁଛି କୁଆଁରୀ ମାତୃତ୍ୱ, ବିପଦରେ ନବଜାତ ଶିଶୁ

**ଖୋର୍ଦ୍ଧା ଅଫିସ,୩୧।୧**

ଦିନକୁ ଦିନ ବଢ଼ି ଚାଲିଛି କୁଆଁରୀ ମାତୃତ୍ୱ। ସାମାଜିକ ଲୋକ ଲଜ୍ଜାରୁ ବର୍ତ୍ତିବା ପାଇଁ ନବଜାତକଙ୍କୁ ବିପଦ ମୁହଁକୁ ଠେଲି ଦିଆଯାଉଛି। କେଉଁଠି ହତ୍ୟା କରାଯାଉଛି ତ ଆଉ କେଉଁଠି ବିପଦପୂର୍ଣ୍ଣ ଭାବେ ଛାଡି ଦିଆଯାଉଛି। ଖୋର୍ଦ୍ଧା ଜିଲାରେ ଏପରିସ୍ଥିତି ଏବେ ଜଟିଳ ରୂପ ଧାରଣା କରିଛି। ଗତ ୨୯ ତାରିଖରେ କୋଲକତା-ମାଡ୍ରାସ ୧୬ନଂ. ଜାତୀୟ ରାଜପଥର ଜଟଣୀ ବାଇପାସ ଛକ ନିକଟ ପେଟ୍ରୋଲ ପମ୍ପ ପଛପାଖ ପରିତ୍ୟକ୍ତ ଚୁଆରୁ ୨ ଅପରିକ୍ୱ ଯାଆଁଳା ଶିଶୁପୁତ୍ର ଉଦ୍ଧାର ହୋଇଥିଲେ। ସେହିପରି ଗତ ୨୨ ତାରିଖରେ ମଧ ତରାବୋଇ ବାଜପୁର ରାସ୍ତାର ବାଜପୁର କାଜୁ ଜଙ୍ଗଲ ପରିସରରୁ ଏକ ନବଜାତ ଶିଶୁକୁ ଉଦ୍ଧାର କରାଯାଇଥିଲା। ଏପରିକି ଅନେକ ସମୟରେ ମୃତ ନବଜାତ ଶିଶୁଙ୍କୁ ମଧ ଉଦ୍ଧାର କରାଯାଇଥିବା ନଜିର ରହିଛି। ଜିଲାର ଏଭଳି ସ୍ଥିତି ଏକ ଘୃଣ୍ୟ ସାମାଜିକ ଧାରା ସୃଷ୍ଟି କରିଛି। ପୁରୁଷମାନଙ୍କ ପ୍ରତାରଣା, ମହିଳାଙ୍କ ସଚେତନତାର ଅଭାବ ଏହାର କାରଣ ବୋଲି କୁହାଯାଉଛି। ତେବେ ଯେଉଁଭଳି ଢ଼ଙ୍ଗରେ ନବଜାତ ଶିଶୁଙ୍କୁ ଫିଙ୍ଗି ଦିଆଯାଉଛି ତାହା ଚିନ୍ତାର କାରଣ ପାଲଟିଛି। ଜନ୍ମ କଲା ଶିଶୁକୁ ଦୂରେଇ ଦେବା ଏକ ରୁଗୁଣ୍ ମାନସିକତା। ଆଜିର ମା' ଶିଶୁକୁ ସ୍ନେହ, ପ୍ରେମ ଓ ମମତାରେ କୋଳେଇ ନେବା ପରିବର୍ତ୍ତେ ବିପଦ ମୁହଁକୁ ଠେଲିଦେବା ଘଟଣା ଏକ ସଭ୍ୟ ତଥା ସଚେତନ ସମାଜରେ ବ୍ୟତିକ୍ରମ ବୋଲି କୁହାଯାଉଛି।



"ଜନ୍ମଦାତ୍ରୀର ସ୍ଥାନ ସ୍ୱର୍ଗଠାରୁ ବି ଉଚ୍ଚରେ। ହେଲେ କୁଆଁରୀ ମାତୃତ୍ୱର ଅପବାଦକୁ ନ ମୁଣ୍ଡାଇବା ଉଦ୍ଦେଶ୍ୟରେ ଅନେକ ମା' ଜନ୍ମକଲା ଶିଶୁକୁ ମାରି ଅଥବା ଜୀବନ୍ତ ବିଭିନ୍ନ ସ୍ଥାନରେ ଫୋପାଡି ଦେଉଛନ୍ତି । ପୁଣି ସଚେତନତା ଅଭାବରୁ ବିବାହ ପୂର୍ବରୁ ଯୁବତୀମାନେ ଗର୍ଭ ଧାରଣ କରୁଛନ୍ତି। କଥାକଥିତ ଲୋକ ଲଜ୍ଜାକୁ ଏଡାଇବା ପାଇଁ ସେମାନେ ନିଜ ଛୁଆକୁ ବାହାରେ ଫୋପାଡିବାକୁ ବାଧ ହେଉଥିବା ଜଣାପଡିଛି। ଏଣୁ ପାଠ୍ୟକ୍ରମରେ ଛାତ୍ରୀଛାତ୍ରଙ୍କୁ ଏ ଦିଗରେ ସଚେତନତାର ବାର୍ତ୍ତା ଦେବାର ଆବଶ୍ୟକତା ରହିଛି।

**ମଧୁସ୍ମିତା ମିଶ୍ର, ବୋଲଗଡ**



"ଦିନ ଥିଲା କଳଙ୍କିତ ମାତୃତ୍ୱ ଯୋଗୁ ନବଜାତ ଶିଶୁଙ୍କୁ ଜୀବନ୍ତ ବା ମୃତ ଭାବରେ ଫିଙ୍ଗି ଦେଉଥିଲେ ବା ନଦୀରେ ଭସେଇ ଦେଉଥିଲେ। କୁନ୍ତିଙ୍କ କର୍ଣ୍ଣ ଭଳି ଯୋଗ୍ୟ ସନ୍ତାନ ହେଲେ ବି ସେମାନେ ସମାଜକୁ ଦିଗ୍‌ଦର୍ଶନ ଦେଇ ପାରୁ ନଥିଲେ। ସବୁ ଯୋଗ୍ୟତା ଥାଇ ମଧ ସେମାନେ ସମାଜରେ ପ୍ରତିଷ୍ଠିତ ହୋଇ ପାରୁ ନଥିଲେ। ସେମାନଙ୍କର ପରିଚୟ ଥିଲା ଜାରଜ ବା ଅବୈଧ ସନ୍ତାନ। ଏବେ ସମୟ ବଦଳିଛି। ଯେଉଁଭଳି ନବଜାତ ଶିଶୁମାନଙ୍କୁ ଜୀବନ୍ତ ବା ମାରି ଫୋପାଡି ଦେଉଛନ୍ତି ତାହା ଜଣେ ଉତ୍ତମ ମା'ର କର୍ତ୍ତବ୍ୟ ନୁହେଁ। ଏଥିପାଇଁ ମା'ମାନେ ସଚେତନ ହେବା ଆବଶ୍ୟକ।

**ସୁନିତା ବେହେରା, ଟାଙ୍ଗୀ**

"ବିଭିନ୍ନ ସ୍ଥାନରୁ ନବଜାତ ଶିଶୁ ଜୀବନ୍ତ ବା ମୃତ ଭାବେ ଉଦ୍ଧାର ହେବା ଘଟଣା ଜନ୍ମଦାତ୍ରୀର ବାତ୍ସଲ୍ୟମମତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଯାହାକି ଜଣେ ଜନ୍ମଦାତ୍ରୀଙ୍କ ପାଇଁ ଶୁଭଙ୍କର ନୁହେଁ। ପିଏନ୍‌ଡିଟି ଆଇନର କଟକଣା ସତ୍ତ୍ୱେ ମୃତ ବା ଜୀବନ୍ତ ଅବସ୍ଥାରେ ଶିଶୁ ଉଦ୍ଧାର ସମ୍ପୂର୍ଣ୍ଣ ଭାବେ ବନ୍ଦ କରାଇବାରେ ସଫଳ ହୋଇପାରି ନାହିଁ । ସଚେତନତା ଏଥିପାଇଁ ମହୋଷୌଧି। ହିନ୍ଦୁ ବିବାହର ପବିତ୍ରତା ରକ୍ଷା ନ ହେବା ଅବୈଧ ଶିଶୁ ସନ୍ତାନକୁ ଜନ୍ମ ଦେଇଥାଏ ବୋଲି ସମାଜ ଦର୍ଶାଇଥାଏ।



**ମମତା ରାଣୀ ସୁନ୍ଦରାୟ, ବେଗୁନିଆ**



"ଶିଶୁଙ୍କୁ ଜୀବନ୍ତ ଓ ମୃତ ଭାବରେ ଏଣେତେଣେ ଫୋପାଡିବା ଦ୍ୱାରା ସମାଜକୁ ଖରାପ ବାର୍ତ୍ତା ଯାଉଛି। ଶିଶୁର ଜୀବନ ପ୍ରତି ବିପଦ ରହୁଛି। ଏ ଦିଗରେ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ସଚେତନତା ସୃଷ୍ଟି କରାଯାଉଛି। ତଥାପି ବିଭିନ୍ନ ସ୍ଥାନରେ ମୃତ ଓ ଜୀବିତ ଅବସ୍ଥାରେ ଶିଶୁମାନଙ୍କୁ ଫୋପଡା ଯାଉଥିବା ଦେଖିବାକୁ ମିଳୁଛି। ବରଂ ସେମାନେ ଜିଲା ଶିଶୁ ସୁରକ୍ଷା ୟୁନିଟ୍‌କୁ ହସ୍ତାନ୍ତର କରନ୍ତୁ ।

**ବାଣିଶ୍ରୀ ପଟ୍ଟନାୟକ, ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଅଧିକାରୀ**



"ଜିଭଠାରୁ ତୁମ ହାତ ପ୍ରକୃତରେ ଭଲ ଧର୍ମବାଣୀ ପ୍ରଚାର କରିପାରିବ।"

- ଗୋଲ୍ଡସ୍ମିଥ



## ସଂକ୍ଷେପରେ

### ଚୋରି ଅଭିଯୋଗରେ ଜଣେ ଗିରଫ

**ଖୋର୍ଦ୍ଧା ଅଫିସ,୩୧।୧:** ଚୋରି ଅଭିଯୋଗରେ ଖୋର୍ଦ୍ଧା ସଦର ଥାନା ପୋଲିସ ଗୁରୁବାର ଜଣଙ୍କୁ ଗିରଫ କରିଛି। ସେ ହେଲେ ପଲ୍ଲାର ବିରଜା ନାୟକ(୨୫)। ସୂଚନା ଅନୁଯାୟୀ, ବିରଜା ଶିଆଳିଆଠାରେ ଥିବା ପ୍ରଫୁଲ୍ଲ ରଥଙ୍କ କ୍ରଶରରୁ କିଛି ଉପକରଣ ଚୋରି କରି କବାଡିଆକୁ ବିକ୍ରି କରିଥିଲା। ଏ ନେଇ ପ୍ରଫୁଲ୍ଲଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୧୪/୧୯) ରୁଜୁ କରି ତଦନ୍ତ ଚଳାଇଥିଲା।

### ୪ରେ ଧାରଣା ଦେବେ ସରପଞ୍ଚ, ୱାର୍ଡମେମ୍ବର

**ଖୋର୍ଦ୍ଧା ଅଫିସ,୩୧।୧:** ରାଜ୍ୟ ସରପଞ୍ଚ ମହାସଂଘ ପରିଚାଳନା କମିଟି ପକ୍ଷରୁ ଏକ ବୈଠକ ମହାସଂଘର କାର୍ଯ୍ୟାଳୟ ତମାଣ୍ଡୋଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ୧୧ଦଫା ଦାବି ନେଇ ଫେବୃୟାରୀ ୪ରେ ପିଏମଜି ଠାରେ ସରପଞ୍ଚ ଓ ୱାର୍ଡମେମ୍ବରମାନେ ସମୂହ ଧାରଣା ଦେବେ ବୋଲି ନିଷ୍ପତ୍ତି ହୋଇଛି। ଏନେଇ ରାଜ୍ୟ ସଭାପତି ଜଗମୋହନ ପ୍ରଧାନ ଏକ ପ୍ରେସ୍ ବିବୃତିରେ କହିଛନ୍ତି। ସରକାର ସରପଞ୍ଚ ଓ ୱାର୍ଡମେମ୍ବରମାନଙ୍କ ଦାବିକୁ ଅଣଦେଖା କରୁଛନ୍ତି। ସରପଞ୍ଚ ଓ ୱାର୍ଡମେମ୍ବରଙ୍କ ମାସିକ ଦରମା ଓ ଗସ୍ତ ଭତ୍ତା ଏବଂ ଅବସର ପରେ ପେନଶନ, ପଞ୍ଚାୟତ ସ୍ତରରେ ଖାଲିପଡିଥିବା ପିଅନ, ରାତ୍ର ଜଗୁଆଳି ପରି କର୍ମଚାରୀଙ୍କ ପଦବୀରେ ନିଯୁକ୍ତି, ଉନ୍ନୟନ କାର୍ଯ୍ୟରେ ଜିଲା ଓ ବ୍ଲକ ପ୍ରଶାସନର ସହଯୋଗ ଆଦି ଦାବି ନେଇ ମହାସଂଘ ଆନ୍ଦୋଳନକୁ ଓହ୍ଲାଇବ।

### ସାଂଗଠନିକ ବୈଠକ

**ବୋଲଗଡ,୩୧।୧(ଡି.ଏନ.ଏ.):** ଆଗାମୀ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ବିଭିନ୍ନ ଦଳ ଏବଂ ଆଶାୟୀ ପ୍ରାର୍ଥୀମାନେ ନିଜ ନିଜ ସପକ୍ଷରେ ସମର୍ଥକମାନଙ୍କୁ ସଂଗଠିତ କରିବା ପାଇଁ ଲାଗିପଡିଛନ୍ତି । ବେଗୁନିଆ ନିର୍ବାଚନ ମଣ୍ଡଳୀର ବୋଲଗଡ଼ ବ୍ଲକ ଅଞ୍ଚଳରେ ମଧ ଆଶାୟୀ ପ୍ରାର୍ଥୀମାନେ ସାଂଗଠନିକ ବୈଠକ କରୁଛନ୍ତି । 'ଆମ ଗାଁ ଆମ ସଂଗଠନ ଆମରି ବଳ' ଡାକରା ଦିଆଯାଇ କୃଷ୍ଣ ଚନ୍ଦ୍ର ବାରିକଙ୍କ ନେତୃତ୍ୱରେ ଏକ ସାଂଗଠନିକ ବୈଠକ ବଡକୁମାରୀ ପଞ୍ଚାୟତ ଅଧୀନ ସାନକୁମାରୀସ୍ଥିତ ମା'ମଙ୍ଗଳାଙ୍କ ନିକଟରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଉଭୟ ବୋଲଗଡ଼ ଏବଂ ବେଗୁନିଆ ବ୍ଲକର ୩୦୦ରୁ ଉର୍ଦ୍ଧ୍ୱ ସମର୍ଥକ ଓ କର୍ମୀ ଯୋଗଦେଇଥିଲେ।

### ଟାଙ୍ଗୀ ଅବସରପ୍ରାପ୍ତ କର୍ମଚାରୀ ସଂଘର ବାର୍ଷିକ ଅଧିବେଶନ

**ଟାଙ୍ଗୀ(ଖୋର୍ଦ୍ଧା),୩୧।୧(ଡି.ଏନ.ଏ.):** ଟାଙ୍ଗୀ ଅବସରପ୍ରାପ୍ତ କର୍ମଚାରୀ ସଂଘର ବାର୍ଷିକ ଅଧିବେଶନ ଉପସଭାପତି ବିବେକାନନ୍ଦ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନୂତନ କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା । ଏଥିରେ ହରିବନ୍ଧୁ ସାହୁ ସଭାପତି, ଡା. ମଧୁସୂଦନ ସେନାପତି କାର୍ଯ୍ୟକାରୀ ସଭାପତି, ବିବେକାନନ୍ଦ ଦାସ ଓ କୃଷ୍ଣମୋହନ ବେହେରା ଉପସଭାପତି, ଅରୁଣରଞ୍ଜନ ମହାନ୍ତି ସମ୍ପାଦକ, ଭଗବାନ ଚମ୍ପତି ଯୁଗ୍ମ ସମ୍ପାଦକ ଓ ଗୋବିନ୍ଦ ଚନ୍ଦ୍ର ସାହୁ କୋଷାଧକ୍ଷ ଭାବେ ମନୋନୀତ ହୋଇଥିବା ବେଳେ ୧୨ ଜଣ କାର୍ଯ୍ୟକାରୀ କମିଟିକୁ ମନୋନୀତ ହୋଇଥିବା ସମ୍ପାଦକ ଅରୁଣ ରଞ୍ଜନ ମହାନ୍ତି ଜଣାଇଛନ୍ତି।

### ଫୁଟବଲ: ଫାଇନାଲରେ ବାଲାଜୀ କ୍ଲବ

**ବେଗୁନିଆ,୩୧।୧(ଡି.ଏନ୍.ଏ.):** ବେଗୁନିଆ କଲେଜ ପଡିଆରେ ଅନୁଷ୍ଠିତ ୭ମ ବାର୍ଷିକ ବାବା ବାଲୁଙ୍କେଶ୍ୱର ଫୁଟବଲ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚରେ ଶରଣକୁଳ ଲଦୁକେଶ୍ୱର ଆଥଲେଟିକ କ୍ଲବକୁ ୪-୧ ଟାଇବ୍ରେକରରେ ହରାଇ ଜଟଣୀର ବାଲାଜୀ କ୍ଲବ ଫାଇନାଲରେ ପ୍ରବେଶ କରିଛି। ଏହି ମ୍ୟାଚ ସଂଘର୍ଷପୂର୍ଣ୍ଣ ହୋଇଥିଲା। ଫଳରେ ଦୁଇ ଟିମ୍ କେହି କାହା ଉପରେ ଗୋଲ ସ୍କୋର କରି ପାରି ନ ଥିଲେ। ଏହାପରେ ଟାଇବ୍ରେକରର ସହାୟତା ନିଆଯାଇଥିଲା। ଅତିଥିଭାବେ ସାମାଜିକକର୍ମୀ ପ୍ରକାଶ ଚନ୍ଦ୍ର ବିଜୁଳି ଏବଂ ପୂର୍ବତନ ଜିଲା ପରିଷଦସଭ୍ୟ ପ୍ରଦୀପ ନାୟକ ଯୋଗଦେଇ ମ୍ୟାଚକୁ ଶୁଭାରମ୍ଭ କରିଥିଲେ। ପ୍ରଫୁଲ୍ଲ କୁମାର ବେହେରା ମ୍ୟାଚକୁ ପରିଚାଳନା କରିଥିବା ବେଳେ ତାଙ୍କୁ ଅହମ୍ମଦ ଖାନ, ଦିଲୀପ କର, ଯୁଧିଷ୍ଠିର ବେହେରା ଲାଇନରେ ସହାୟତା କରିଥିଲେ। ଶୁକ୍ରବାର ୨ୟ ସେମିଫାଇନାଲ ଭୁବନେଶ୍ୱରର କଳିଙ୍ଗ କ୍ଲବ ଓ ଖୋର୍ଦ୍ଧାର ଶବର ସ୍ପୋର୍ଟିଂ କ୍ଲବ ମଧ୍ୟରେ ଅନୁଷ୍ଠିତ ହେବ ।

■ ଓଟିଇଟି ପ୍ରଶ୍ନପତ୍ର ଲିକ୍ ଘଟଣା

# ପୋଲିସ ଚୁପ୍, ସରକାର ବି ଚୁପ୍

■ମୁଣ୍ଡ ଖେଳାଉନି କ୍ରାଇମବ୍ରାଞ୍ଚ
■ତଦନ୍ତକୁ ନେଇ ପ୍ରଶ୍ନ ଉଠାଇଲେ ପରୀକ୍ଷାର୍ଥୀ
■ଉଚ୍ଚ ଅଧିକାରୀଙ୍କ ସମ୍ପୃକ୍ତି ଅଭିଯୋଗ

**କଟକ ଅଫିସ, ୩୧।୧**

ଓଡିଶା ଟିଚର ଏଲିଜିବିଲିଟି ଟେଷ୍ଟ (ଓଟିଇଟି) ପ୍ରଶ୍ନପତ୍ର ଲିକ୍ ଘଟଣାକୁ ୧୫ ଦିନ ବିତିଲାଣି। ଏନେଇ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ କଟକ ମଙ୍ଗଳାବାଗ ଥାନାରେ ଅଭିଯୋଗ କରାଯାଇଥିଲା। ତଦନ୍ତରେ ପୋଲିସକୁ ସମସ୍ତ ସହଯୋଗ ଯୋଗାଇଦେବାକୁ କ୍ରାଇମବ୍ରାଞ୍ଚ ଏଡିଜି ସନ୍ତୋଷ ଉପାଧ୍ୟାୟ କହିଥିଲେ। ହେଲେ ପୋଲିସ କେବଳ ମାମଲା ରୁଜୁ କରି ହାତବନ୍ଧି ବସିଥିବାରୁ ଏହାର ତଦନ୍ତକୁ ନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଭଳି ଏକ ସମ୍ବେଦନଶୀଳ ମାମଲାକୁ ପୋଲିସ ସେତେଟା ଗୁରୁତ୍ୱ ଦେଉ ନ ଥିବାରୁ ଏଥିରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ସୁରକ୍ଷା ଦେବାକୁ ଯୋଜନା ହୋଇଥିବା ଚର୍ଚ୍ଚା ହେଉଛି। ଏହାକୁ ନେଇ ବୁଦ୍ଧିଜୀବୀ ଓ ପରୀକ୍ଷାର୍ଥୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ତଦନ୍ତ ନାଁରେ ପୋଲିସ ଓ କ୍ରାଇମବ୍ରାଞ୍ଚ ନାଟକ କରୁଥିବା ଅଭିଯୋଗ ହେଉଛି।

ଜାନୁୟାରୀ ୧୬ ତାରିଖରେ ଓଟିଇଟି ପରୀକ୍ଷା ଥିଲା। ଏଥିପାଇଁ ପୂର୍ବରୁ ବୋର୍ଡ ପକ୍ଷରୁ ୨୫୧ଟି ସେଣ୍ଟରକୁ ପ୍ରଶ୍ନପତ୍ର ପଠାଇ ଦିଆଯାଇଥିଲା। ପେପର-୧ ପରୀକ୍ଷା ଆରମ୍ଭ ହେବାର କିଛି ସମୟ ପରେ ପ୍ରଶ୍ନପତ୍ର ଲିକ୍ ହୋଇଥିଲା। ତୁରନ୍ତ ଯାଞ୍ଚ ପରେ ଦୁଇ ପ୍ରଶ୍ନପତ୍ର ମେଳ ଖାଇବାରୁ ପରୀକ୍ଷାକୁ ବାତିଲ କରିଆଯାଇଥିଲା। ୧୮ ତାରିଖରେ କ୍ରାଇମବ୍ରାଞ୍ଚ ଏଡିଜି ଉପାଧ୍ୟାୟ ଏହି ଘଟଣାର ତଦନ୍ତ କ୍ଷେତ୍ରରେ ପୋଲିସକୁ ଟେକ୍ନୋଲୋଜି ସହିତ ସମସ୍ତ ସହଯୋଗ ଯୋଗାଇ ଦିଆଯିବ ବୋଲି କହିଥିଲେ। ପରେ ବୋର୍ଡ ସଭାପତି ଡ. ଜାହାନ ଆରା ବେଗମ ମଙ୍ଗଳାବାଗ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୧୫/୧୯) ରୁଜୁ କରିଥିଲେ ମଧ୍ୟ ପ୍ରଶ୍ନପତ୍ର ଲିକ୍‌ର ଟିକିଏ ବି ସୁରାକ ପାଇବାରେ ବିଫଳ ହୋଇଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ବହୁ ଛୋଟ ମାମଲାକୁ କ୍ରାଇମବ୍ରଞ୍ଚ ଗୁରୁତ୍ୱର ସହ ନେଇ ନିଜ ଆଡୁ ତଦନ୍ତ କରିଥିବା ନଜିର ରହିଛି। ହେଲେ ପ୍ରଶ୍ନପତ୍ର ଲିକ୍ ଭଳି ବଡ଼ ଘଟଣାରେ କ୍ରାଇମବ୍ରାଞ୍ଚ ନିଜେ ତଦନ୍ତ ନ କରିବା ଓ ପୋଲିସ ଚୁପ୍ ବସିବା ନିଶ୍ଚିତ ଦୁଃଖର ବିଷୟ ହୋଇ ଓଟିଇଟି ପରୀକ୍ଷାର୍ଥୀମାନେ କହିଛନ୍ତି। ପରୀକ୍ଷାର୍ଥୀ ଅମୂଲ୍ୟ ସାହୁ କୁହନ୍ତି, ପ୍ରଶ୍ନପତ୍ର ଲିକ୍ ଘଟଣାରେ ରାଜ୍ୟ ସରକାରଙ୍କ ଉପରିସ୍ଥ ଅଧିକାରୀଙ୍କ ସମ୍ପୃକ୍ତି ରହିଛି। ତେଣୁ ଉଭୟ ପୋଲିସ ଓ କ୍ରାଇମବ୍ରାଞ୍ଚ ତଦନ୍ତ ବାହାନାରେ ସମୟ ଗଡ଼ାଇ ଘଟଣାକୁ ଚାପିଦେବାକୁ ବସିଛନ୍ତି। ରାଜ୍ୟ ସରକାର ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ସହ ଖେଳ ଖେଳୁଥିବା ଏଥିରୁ ସ୍ପଷ୍ଟ ବାରିହୋଇ ପଡୁଛି। ଯଦି ପୋଲିସ ଚୁପ୍ ବସୁଛି, ତେବେ ରାଜ୍ୟ ସରକାର, ଶିକ୍ଷା ବିଭାଗ ଓ ମନ୍ତ୍ରୀ କାହିଁକି ନୀରବ ରହୁଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି।

ଏନେଇ ଡିସିପି ଅଖିଳେଶ୍ୱର ସିଂ କୁହନ୍ତି, ଆମେ ତଦନ୍ତ ଚଳାଇଛୁ।ଏପର୍ଯ୍ୟନ୍ତ କିଛି ବି ସୁରାକ ମିଳିପାରୁନି। ଏହା ଏକ ବଡ଼ ଘଟଣା ହୋଇଥିବାରୁ ମାମଲାକୁ କ୍ରାଇମବ୍ରାଞ୍ଚ ତଦନ୍ତ କରିବ ବୋଲି ଆମେ ଭାବିଥିଲୁ। କିନ୍ତୁ ସେପରି କିଛି ହେଲା ନାହିଁ। ତଥାପି ଘଟଣାର ସତ୍ୟାସତ୍ୟ ପଦାକୁ ଆସିବ ବୋଲି ସେ କହିଛନ୍ତି।

## ସରସ୍ୱତୀ ଶିଶୁମନ୍ଦିର ବାର୍ଷିକୋତ୍ସବ



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

**ବେଗୁନିଆ,୩୧।୧(ଡି.ଏନ୍.ଏ)**

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ କଣ୍ଟାବାଡ ଗ୍ରାମସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ୧୧ତମ ବାର୍ଷିକ ଉତ୍ସବ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ସଭାପତି ମାନସ ରଞ୍ଜନ ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବୋଲଗଡ ପରମାନନ୍ଦ ମହାବିଦ୍ୟାଳୟର ପ୍ରାଧ୍ୟାପକ ରବୀନ୍ଦ୍ରନାଥ ପାଣିଗ୍ରାହୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଶିକ୍ଷା ବିକାଶ ସମିତି ଖୋର୍ଦ୍ଧା ସଂକୁଳର ପ୍ରମୁଖ ନଳୀନିକା ପଣ୍ଡା ମୁଖ୍ୟ ବକ୍ତା, ଅତିଥିଭାବେ ବେଗୁନିଆ ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ଦିଲ୍ଲୀପ କୁମାର ମହାପାତ୍ର ଓ ବେଣୁଧର ପଣ୍ଡା ଉପସ୍ଥିତ ଥିଲେ। ଏହି ଉତ୍ସବ ୨ ଦିନ ଧରି ଅନୁଷ୍ଠିତ ହେବ। ଏହି ଅବସରରେ ବିଦ୍ୟାଳୟ ପିଲାମାନଙ୍କ ଦ୍ୱାରା ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

■ ଅକ୍ଟେଭ-୨୦୧୯ ଉଦ୍‌ଯାପିତ

## ଉତ୍ତର ପୂର୍ବାଞ୍ଚଳ ଲୋକକଳା, ସଂସ୍କୃତିର ପରିଚୟ ସ୍ୱତନ୍ତ୍ର

**ପୁରୀ ଅଫିସ,୩୧।୧**

ପୁରୀ ବେଳାଭୂମିରେ ତିନିଦିନ ଧରି ଚାଲିଥିବା ଉତ୍ତର ପୂର୍ବାଞ୍ଚଳ ମହୋତ୍ସବ 'ଅକ୍ଟେଭ-୨୦୧୯' ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ସଂସ୍କୃତି ହେଉଛି ଗୋଟିଏ ଜାତିର ପରିଚୟ। ଏହା ପରସ୍ପର ମଧ୍ୟରେ ଭାଇଚାରା ଓ ଘନିଷ୍ଠତାକୁ ବୃଦ୍ଧି କରିଥାଏ। ତେବେ ଉତ୍ତର ପୂର୍ବାଞ୍ଚଳର ଲୋକ ସଂସ୍କୃତି ଓ ଲୋକ କଳାର ଏକ ସ୍ୱତନ୍ତ୍ର ପରିଚୟ ରହିଛି ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ଜିଲାପାଳ ଜ୍ୟୋତି ପ୍ରକାଶ ଦାସ, ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ଉପଜିଲାପାଳ ଭବତାରଣ ସାହୁ, ଓଡ଼ିଶୀ ନୃତ୍ୟଗୁରୁ ଅରୁଣ ମହାନ୍ତି, ଚିତ୍ତରଞ୍ଜନ ମାଲିଆ, ବିଶ୍ୱନାଥ ସ୍ୱାଇଁ ପ୍ରମୁଖ ଯୋଗଦେଇ ଓଡ଼ିଶା ଓ ଉତ୍ତର ପୂର୍ବାଞ୍ଚଳ ରାଜ୍ୟର କଳା ସଂସ୍କୃତି ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ମହୋତ୍ସବରେ ଅରୁଣାଚଳ ପ୍ରଦେଶ, ଆସାମ, ମଣିପୁର, ମେଘାଳୟ, ମିଜୋରାମ, ନାଗାଲାଣ୍ଡ, ସିକିମ୍ ଓ ତ୍ରିପୁରା ଆଦି ୮ ରାଜ୍ୟର ପ୍ରାୟ ୩୫୦ରୁ ଉର୍ଦ୍ଧ୍ୱ କଳାକାର ଅଂଶଗ୍ରହଣ କରିଥିଲେ। ସଂସ୍କୃତି ମନ୍ତ୍ରଣାଳୟ ଅଧୀନ ଇଷ୍ଟ ଜୋନାଲ କଲ୍‌ଚରାଲ ସେଣ୍ଟର (ଇଜେଡସିସି) ଆନୁକୂଲ୍ୟରେ ଓଡ଼ିଶା ସରକାରଙ୍କ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଜିଲା ପ୍ରଶାସନର ସହଯୋଗରେ ଏହି ମହୋତ୍ସବ ଆୟୋଜନ କରାଯାଇଥିଲା। ଇଜେଡ଼ସିସି ନିର୍ଦ୍ଦେଶକ ଗୌରୀ ବସୁ ଉଦ୍‌ଯାପନୀ ଉତ୍ସବରେ ଅଧକ୍ଷତା କରିଥିଲେ। ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ଇଜେଡସିସିର ପ୍ରୋଗ୍ରାମ ଅଧିକାରୀ ଅମନ କୁମାର ଦାସ, ଧିମନ ଶଙ୍କର, କଳା ନିର୍ଦ୍ଦେଶକ ରାମହରି ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଶେଷ ଦିନର ଶୀତୁଆ ସନ୍ଧ୍ୟାରେ ବିଭିନ୍ନ ରାଜ୍ୟର କଳାକାରଙ୍କ ନୃତ୍ୟରେ ବେଳାଭୂମି ମୁଖରିତ ହୋଇଉଠିଥିଲା। ପର୍ଯ୍ୟଟକ ଓ ଦର୍ଶକମାନେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଝୁମି ଉଠିଥିଲେ।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଟାଙ୍ଗୀ(ଖୋର୍ଦ୍ଧା),୩୧।୧(ଡି.ଏନ.ଏ.)**

ଟାଙ୍ଗୀ ଅଞ୍ଚଳର ସର୍ବପୁରାତନ ଶିକ୍ଷାନୁଷ୍ଠାନ ବଳରାମଦେବ ବିଦ୍ୟାପୀଠର ପ୍ରଧାନଶିକ୍ଷକ ତ୍ରିନାଥ ଦାସଙ୍କୁ ଗୁରୁବାର ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଏହି ଉପଲକ୍ଷେ ବରିଷ୍ଠ ଶିକ୍ଷୟିତ୍ରୀ ମାନସୀ କୁମାରୀ ପରିଡାଙ୍କ ଅଧକ୍ଷତାରେ ଅୟୋଜିତ ସଭାରେ ଖୋର୍ଦ୍ଧା ବିଜେବି ହାଇସ୍କୁଲର ପ୍ରଧାନଶିକ୍ଷକ କିଶୋର ଚନ୍ଦ୍ର ପରମଗୁରୁ, ଶିକ୍ଷକନେତା ଲକ୍ଷ୍ମୀପ୍ରସାଦ ସାହୁ, ଟାଙ୍ଗୀ ଚାନ୍ଦପୁର ରୋଟାରୀ କ୍ଲବ ସଭାପତି ଡାଃ ମଧୁସୂଦନ ସେନାପତି, ପୁରାତନ ଛାତ୍ର ସଂସଦର ସଭାପତି ପଦ୍ମନାଭ ବିଶ୍ୱାଳ, ସମ୍ପାଦକ ବିଜୟ କୁମାର ରାଉତ, ଟାଙ୍ଗୀ ବାଳିକା ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକ ସନ୍ତୋଷ ଚନ୍ଦ୍ର କର ଯୋଗଦେଇ ବିଦାୟୀ ପ୍ରଧାନଶିକ୍ଷକଙ୍କ ବହୁବିଧ ଗୁଣର ଉଚ୍ଚପ୍ରଶଂସା କରିଥିଲେ। ପ୍ରଧାନଶିକ୍ଷକଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା।

## ଭାଗବତ ମହୋତ୍ସବ, ପ୍ରତିଯୋଗିତା

**ବୋଲଗଡ଼,୩୧।୧(ଡି.ଏନ.ଏ.)**

ବୋଲଗଡ଼ ବ୍ଲକ ଅସରଳାଠାରେ ଆୟୋଜିତ ହେଉଛି ସିଂହବାହିନୀ ମା'କାଳିକା ଭାଗବତ ମହୋତ୍ସବ ଓ ପ୍ରତିଯୋଗିତା କାର୍ଯ୍ୟକ୍ରମ । ଏହି ଅବସରରେ ଗୁରୁବାର ସନ୍ଧ୍ୟାରେ ଗ୍ରାମର ମା'କାଳିକାଙ୍କ ପୀଠରେ ଅସରଳା ଭାଗବତ ମଣ୍ଡଳୀ ପକ୍ଷରୁ ଖଞ୍ଜଣି ଭଜନ ପରିବେଷଣ ହୋଇଥିଲା। ପରେ ଗ୍ରାମର ମହାବୀର ଭଜନଧାରା ଅନୁଷ୍ଠାନ ପକ୍ଷରୁ ଭଜନ ଅନୁଷ୍ଠିତ ହୋଇଥିଲା। ଜଗନ୍ନାଥ ଦାସଙ୍କ ଲିଖିତ ଓଡିଆ ଭାଗବତରେ ଥିବା ଭାବ, ଜ୍ଞାନ, ତତ୍ତ୍ୱକୁ ନେଇ କରାଯାଇଥିବା ଭାଗବତ ପ୍ରତିଯୋଗିତାରେ ୩ ବ୍ଲକରୁ ୪ଟି ଭାଗବତ ମଣ୍ଡଳୀ ଅଂଶ ଗ୍ରହଣ କରିବେ। ଗ୍ରାମାଞ୍ଚଳ ସାଂସ୍କୃତିକ ଜୀବନରେ ଭାଗବତବାଣୀର ପ୍ରସାର, ପ୍ରଚାର ଓ ଖଞ୍ଜଣି ଭଜନର ମହତ୍ତ୍ୱ ନେଇ ଏଭଳି ପ୍ରତିଯୋଗିତା ହେଉଥିବା ଆୟୋଜକ ପ୍ରକାଶ କରିଛନ୍ତି।



ଭାଗବତ ମହୋତ୍ସବରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

## ଚୋରା ମଦ ବେପାରୀଙ୍କ କବ୍‌ଜାରେ ବ୍ରହ୍ମଗିରି

**ବ୍ରହ୍ମଗିରି, ୩୧।୧(ଡି.ଏନ୍.ଏ.)**

ପର୍ଯ୍ୟଟନ ଦୃଷ୍ଟିକୋଣରୁ ପୁରୀ ଜିଲାର ବ୍ରହ୍ମଗିରି ଏକ ପ୍ରମୁଖ ସ୍ଥାନ ଅଧିକାର କରିଛି। ବ୍ରହ୍ମଗିରିର ପ୍ରସିଦ୍ଧ ଅଲାରନାଥ ମନ୍ଦିର, ବାଲିହରଚଣ୍ଡୀ, ଭାବକୁଣ୍ଡଳେଶ୍ୱର, ସାତପଡ଼ା ଓ ନୂଆ ମୁହାଣ ପ୍ରମୁଖ ସ୍ଥାନ ଅଧିକାର କରିଛନ୍ତି। ପ୍ରତ୍ୟହ ଏଠାକୁ ରାଜ୍ୟ ତଥା ରାଜ୍ୟ ବାହାରୁ ପର୍ଯ୍ୟଟକମାନେ ଆସିଥାନ୍ତି। ମାତ୍ର ଗତ କେତେ ଦିନ ଧରି ବ୍ରହ୍ମଗିରିରେ ଚୋରା ମଦ ବେପାରୀଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇଥିବା ଲକ୍ଷ୍ୟ କରାଯାଇଛି। ଉକ୍ତ ଅଞ୍ଚଳରେ ସରକାରୀ ସ୍ୱୀକୃତିପ୍ରାପ୍ତ ଗୋଟିଏ ଦେଶୀ ଓ ବିଦେଶୀ ମଦ ଦୋକାନ ରହିଥିବା ସମୟରେ ଚୋରା ମଦ ବେପାରୀଙ୍କ ସଂଖ୍ୟା ଦିନକୁ ଦିନ ବଢିବାରେ ଲାଗିଛି। ଏଭଳିକି ବିଭିନ୍ନ ପର୍ଯ୍ୟଟନସ୍ଥଳୀ, ଛକ, ବଜାରରେ ଏହି ବେପାରୀମାନେ ଖୁଲମଖୋଲା ମଦ ବେପାର କରୁଛନ୍ତି। ଫଳରେ ମଦ୍ୟପଙ୍କ ପ୍ରାଦୁର୍ଭାବ ବଢୁଥିବାବେଳେ ଯୁବ ପିଢ଼ି ପଥଭ୍ରଷ୍ଟ ହେଉଛନ୍ତି। ଗାଁ ଗହଳିରେ ଚୋରା ବେପାରୀମାନେ ଦେଶୀ ଓ ବିଦେଶୀ ମଦ ଦୋକାନ ଖୋଲି ଖୁଲମଖୋଲା ବ୍ୟବସାୟ ଚଳାଇଥିବା ସମୟରେ ସ୍ଥାନୀୟ ଲୋକେ ବିରୋଧ କରୁଥିଲେ ମଧ କୌଣସି ସୁଫଳ ମିଳୁନି । ବିଭିନ୍ନ ସମୟରେ ମହିଳା ଗୋଷ୍ଠୀ ଏହି ଚୋରା ମଦ କାରବାରକୁ ବିରୋଧ କରି ଦୋକାନ ଭଙ୍ଗାରୁଜା କରିବାର ନଜିର ରହିଛି। କେବେ ଏହି ଚୋରା ମଦ ବେପାରୀଙ୍କ ବ୍ୟବସାୟ ପ୍ରତି ପ୍ରଶାସନର ଦୃଷ୍ଟି ପଡ଼ିବ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଆଗକୁ ସାଧାରଣ ନିର୍ବାଚନ ପାଖେଇ ଆସୁଥିବା ସମୟରେ ଏହି ଚୋରା ମଦ ବେପାର ଉପରେ ରୋକ ଲଗାଗଲେ ବିଭିନ୍ନ ଅପ୍ରୀତିକର ପରିସ୍ଥିତିକୁ ଏଡାଇ ହେବ ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି।

## ତ୍ରିଲୋଚନେଶ୍ୱର ବିଦ୍ୟାପୀଠରେ ବାର୍ଷିକ ଉତ୍ସବ

**କୃଷ୍ଣପ୍ରସାଦ,୩୧।୧(ଡି.ଏନ.ଏ.)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଧୀନ ଅଲଣ୍ଡା ପଞ୍ଚାୟତ ତିଛିଣି ତ୍ରିଲୋଚନେଶ୍ୱର ବିଦ୍ୟାପୀଠର ୨୨ତମ ବାର୍ଷିକ ଉତ୍ସବ ଗୁରୁବାର ପାଳିତ ହୋଇଯାଇଛି । ଏହି ଅବସରରେ ତିଛିଣି ଗ୍ରାମ୍ୟ କମିଟି ସଭାପତି କେଦାରନାଥ ସାହୁଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ବ୍ରହ୍ମଗିରି ଭାଜପା ନେତା ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ମୁଖ୍ୟଅତିଥି, ବରିଷ୍ଠ ଶିକ୍ଷାବିତ୍ ବନ ବିହାରୀ ପଟ୍ଟନାୟକ ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବେ ସରପଞ୍ଚ ବୁଲାମଣି ତରେଇ, ସମିତି ସଭ୍ୟ ଉତ୍ତମ କୁମାର ତରେଇ, ମା'ମଙ୍ଗଳା ମଧ ଇଂରାଜୀ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଚକ୍ରଧର ମିସ୍ତ୍ରୀ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଜୟରାମ ଦାସ, ଓଷ୍ଟା ସଂଘ ସଭାପତି ପଦ୍ମ ଚରଣ ତରେଇ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦୁର୍ଯ୍ୟୋଧନ ଜେନା ପ୍ରମୁଖ ଉପସ୍ଥିତ ଥିଲେ । ପ୍ରଧାନ ଶିକ୍ଷକ ବାର୍ଷିକ ବିବରଣୀ ପାଠ କରିଥିଲେ । ସହକାରୀ ଶିକ୍ଷକ ଶ୍ୱେତ କୁମାର ଜେନା, ପ୍ରତାପ ମାଝି ମଞ୍ଚକାର୍ଯ୍ୟ ପରିଚାଳନା କରିଥିଲେ। କ୍ରୀଡା ଶିକ୍ଷକ ପ୍ରକାଶ କୁମାର ସିଂହଙ୍କ ନେତୃତ୍ୱରେ ବିଭିନ୍ନ ବିଭାଗର କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ସହିତ ପୁରସ୍କୃତ କରାଯାଇଥିଲା।

## ରାସ୍ତାରେ ଯୁବତୀଙ୍କୁ ଅସଦାଚାରଣ, ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର, ୩୧।୧(ବ୍ୟୁରୋ)**

ନୟାପଲ୍ଲୀ ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କୁ ରାସ୍ତାରେ ଅଟକାଇ ଗାଳି ଗୁଲଜ ସହ ଅସଦାଚରଣ କରିବା ଅଭିଯୋଗରେ ପୋଲିସ ଗୁରୁବାର ସମ୍ପୃକ୍ତ ଗିରଫ କରିଛି। ସେ ହେଲେ ଆଇଗିଣିଆ ଫେଜ-୨ ଅଞ୍ଚଳରେ ରହୁଥିବା ନିତ୍ୟାନନ୍ଦ ପ୍ରଧାନ। ସୂଚନା ମୁତାବକ, ନୟାପଲ୍ଲୀ ଥାନା ରେଣ୍ଟାଲ କଲୋନୀ ଅଞ୍ଚଳରେ ବୁଧବାର ଜଣେ ଯୁବତୀ ଟ୍ୟୁଶନ ସାରି ଘରକୁ ଫେରୁଥିଲେ। ତାଙ୍କୁ ଏକତରଫା ପ୍ରେମ କରୁଥିବା ନିତ୍ୟାନନ୍ଦ ବାଟରେ ଅଟକାଇ ଟଣାଓଟରା କରିଥିଲେ। ଯୁବତୀ ଜଣକ ପ୍ରତିବାଦ କରିବାରୁ ନିତ୍ୟାନନ୍ଦ ତାଙ୍କୁ ଗାଳିଗୁଲଜ କରିଥିଲେ। ଘଟଣା ସମ୍ପର୍କରେ ସମ୍ପୃକ୍ତ ଯୁବତୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(୫୩/୧୮) ରୁଜୁ କରି ପଦକ୍ଷେପ ଗ୍ରହଣ କରିଛି।

## ଚୋରି ଅଭିଯୋଗରେ ୨ ଗିରଫ

**ଭୁବନେଶ୍ୱର,୩୧।୧(ବ୍ୟୁରୋ)**

ଶହୀଦ ନଗର ଥାନା ଅଞ୍ଚଳରେ ଅଟୋରେ ଯାଉଥିବା ଜଣେ କଲେଜ ଛାତ୍ରୀଙ୍କଠାରୁ ମୋବାଇଲ ଲୁଟ୍ ଅଭିଯୋଗରେ ଗୁରୁବାର ପୋଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନଙ୍କଠାରୁ ୩ଟି ମୋବାଇଲ ଓ ଗୋଟିଏ ବାଇକ୍‌କୁ ଜବତ ହୋଇଛି। ସେମାନେ ହେଲେ ୟୁନିଟ ୯ ଅଞ୍ଚଳର ଲୋକନାଥ ନାୟକ ଏବଂ ରାକେଶ ରେଡ୍ଡୀ। ସୂଚନା ମୁତାବକ ଶହୀଦ ନଗର ଅଞ୍ଚଳରେ ରହୁଥିବା ରୂପାଲି ଦାସ ଗତ ୨୭ରେ କଲେଜ ସାରି ସାଙ୍ଗମାନଙ୍କ ସହ ଅଟୋରେ ଘରକୁ ଫେରୁଥିବା ବେଳେ ଲୋକନାଥ ଓ ରାକେଶ ଏକ ବାଇକରେ ଆସି ତାଙ୍କ ହାତରୁ ମୋବାଇଲ ଛଡାଇ ଫେରାର ହୋଇଯାଇଥିଲେ। ଏ ନେଇ ରୂପାଲିଙ୍କ ବାପା ଥାନାରେ ଅଭିଯୋଗ କରିବା ପରେ ପୋଲିସ ୫୭/୧୯ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ପୋଲିସ ମୋବାଇଲ ନମ୍ବରକୁ ଟ୍ରାକ କରି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି।

## ବଢ଼ୁଛି କୁଆଁରୀ ମାତୃତ୍ୱ, ବିପଦରେ ନବଜାତ ଶିଶୁ

**ଖୋର୍ଦ୍ଧା ଅଫିସ,୩୧।୧**

ଦିନକୁ ଦିନ ବଢ଼ି ଚାଲିଛି କୁଆଁରୀ ମାତୃତ୍ୱ। ସାମାଜିକ ଲୋକ ଲଜ୍ଜାରୁ ବର୍ତ୍ତିବା ପାଇଁ ନବଜାତକଙ୍କୁ ବିପଦ ମୁହଁକୁ ଠେଲି ଦିଆଯାଉଛି। କେଉଁଠି ହତ୍ୟା କରାଯାଉଛି ତ ଆଉ କେଉଁଠି ବିପଦପୂର୍ଣ୍ଣ ଭାବେ ଛାଡି ଦିଆଯାଉଛି। ଖୋର୍ଦ୍ଧା ଜିଲାରେ ଏପରିସ୍ଥିତି ଏବେ ଜଟିଳ ରୂପ ଧାରଣା କରିଛି। ଗତ ୨୯ ତାରିଖରେ କୋଲକତା-ମାନ୍ଦ୍ରାସ ୧୬ନଂ. ଜାତୀୟ ରାଜପଥର ଜଟଣୀ ବାଇପାସ ଛକ ନିକଟ ପେଟ୍ରୋଲ ପମ୍ପ ପଛପାଖ ପରିତ୍ୟକ୍ତ ଚୁଆରୁ ୨ ଅପରିକ୍ୱ ଯାଆଁଳା ଶିଶୁପୁତ୍ର ଉଦ୍ଧାର ହୋଇଥିଲେ। ସେହିପରି ଗତ ୨୨ ତାରିଖରେ ମଧ ତରାବୋଇ ବାଜପୁର ରାସ୍ତାର ବାଜପୁର କାଜୁ ଜଙ୍ଗଲ ପରିସରରୁ ଏକ ନବଜାତ ଶିଶୁକୁ ଉଦ୍ଧାର କରାଯାଇଥିଲା। ଏପରିକି ଅନେକ ସମୟରେ ମୃତ ନବଜାତ ଶିଶୁଙ୍କୁ ମଧ ଉଦ୍ଧାର କରାଯାଇଥିବା ନଜିର ରହିଛି। ଜିଲାର ଏଭଳି ସ୍ଥିତି ଏକ ଘୃଣ୍ୟ ସାମାଜିକ ଧାରା ସୃଷ୍ଟି କରିଛି। ପୁରୁଷମାନଙ୍କ ପ୍ରତାରଣା, ମହିଳାଙ୍କ ସଚେତନତାର ଅଭାବ ଏହାର କାରଣ ବୋଲି କୁହାଯାଉଛି। ତେବେ ଯେଉଁଭଳି ଢ଼ଙ୍ଗରେ ନବଜାତ ଶିଶୁଙ୍କୁ ଫିଙ୍ଗି ଦିଆଯାଉଛି ତାହା ଚିନ୍ତାର କାରଣ ପାଲଟିଛି। ଜନ୍ମ କଲା ଶିଶୁକୁ ଦୂରେଇ ଦେବା ଏକ ରୁଗ୍ଣ ମାନସିକତା। ଆଜିର ମା' ଶିଶୁକୁ ସ୍ନେହ, ପ୍ରେମ ଓ ମମତାରେ କୋଳେଇ ନେବା ପରିବର୍ତ୍ତେ ବିପଦ ମୁହଁକୁ ଠେଲିଦେବା ଘଟଣା ଏକ ସଭ୍ୟ ତଥା ସଚେତନ ସମାଜରେ ବ୍ୟତିକ୍ରମ ବୋଲି କୁହାଯାଉଛି।



"ଜନ୍ମଦାତ୍ରୀର ସ୍ଥାନ ସ୍ୱର୍ଗଠାରୁ ବି ଉଚ୍ଚରେ। ହେଲେ କୁଆଁରୀ ମାତୃତ୍ୱର ଅପବାଦକୁ ନ ମୁଣ୍ଡାଇବା ଉଦ୍ଦେଶ୍ୟରେ ଅନେକ ମା' ଜନ୍ମକଲା ଶିଶୁକୁ ମାରି ଅଥବା ଜୀବନ୍ତ ବିଭିନ୍ନ ସ୍ଥାନରେ ଫୋପାଡି ଦେଉଛନ୍ତି । ପୁଣି ସଚେତନତା ଅଭାବରୁ ବିବାହ ପୂର୍ବରୁ ଯୁବତୀମାନେ ଗର୍ଭ ଧାରଣ କରୁଛନ୍ତି। କଥାକଥିତ ଲୋକ ଲଜ୍ଜାକୁ ଏଡାଇବା ପାଇଁ ସେମାନେ ନିଜ ଛୁଆକୁ ବାହାରେ ଫୋପାଡିବାକୁ ବାଧ୍ୟ ହେଉଥିବା ଜଣାପଡିଛି। ଏଣୁ ପାଠ୍ୟକ୍ରମରେ ଛାତ୍ରୀଛାତ୍ରଙ୍କୁ ଏ ଦିଗରେ ସଚେତନତାର ବାର୍ତ୍ତା ଦେବାର ଆବଶ୍ୟକତା ରହିଛି।"

**ମଧୁସ୍ମିତା ମିଶ୍ର, ବୋଲଗଡ**



"ଦିନ ଥିଲା କଳଙ୍କିତ ମାତୃତ୍ୱ ଯୋଗୁ ନବଜାତ ଶିଶୁଙ୍କୁ ଜୀବନ୍ତ ବା ମୃତ ଭାବରେ ଫିଙ୍ଗି ଦେଉଥିଲେ ବା ନଦୀରେ ଭସେଇ ଦେଉଥିଲେ। କୁନ୍ତିଙ୍କ କର୍ଣ୍ଣ ଭଳି ଯୋଗ୍ୟ ସନ୍ତାନ ହେଲେ ବି ସେମାନେ ସମାଜକୁ ଦିଗ୍‌ଦର୍ଶନ ଦେଇ ପାରୁ ନଥିଲେ। ସବୁ ଯୋଗ୍ୟତା ଥାଇ ମଧ ସେମାନେ ସମାଜରେ ପ୍ରତିଷ୍ଠିତ ହୋଇ ପାରୁ ନଥିଲେ। ସେମାନଙ୍କର ପରିଚୟ ଥିଲା ଜାରଜ ବା ଅବୈଧ ସନ୍ତାନ। ଏବେ ସମୟ ବଦଳିଛି। ଯେଉଁଭଳି ନବଜାତ ଶିଶୁମାନଙ୍କୁ ଜୀବନ୍ତ ବା ମାରି ଫୋପାଡି ଦେଉଛନ୍ତି ତାହା ଜଣେ ଉତ୍ତମ ମା'ର କର୍ତ୍ତବ୍ୟ ନୁହେଁ। ଏଥିପାଇଁ ମା'ମାନେ ସଚେତନ ହେବା ଆବଶ୍ୟକ।"

**ସୁନିତା ବେହେରା, ଟାଙ୍ଗୀ**

"ବିଭିନ୍ନ ସ୍ଥାନରୁ ନବଜାତ ଶିଶୁ ଜୀବନ୍ତ ବା ମୃତ ଭାବେ ଉଦ୍ଧାର ହେବା ଘଟଣା ଜନ୍ମଦାତ୍ରୀର ବାତ୍ସଲ୍ୟମମତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଯାହାକି ଜଣେ ଜନ୍ମଦାତ୍ରୀଙ୍କ ପାଇଁ ଶୁଭଙ୍କର ନୁହେଁ। ପିଏନ୍‌ଡିଟି ଆଇନର କଟକଣା ସତ୍ତ୍ୱେ ମୃତ ବା ଜୀବନ୍ତ ଅବସ୍ଥାରେ ଶିଶୁ ଉଦ୍ଧାର ସମ୍ପୂର୍ଣ୍ଣ ଭାବେ ବନ୍ଦ କରାଇବାରେ ସଫଳ ହୋଇପାରି ନାହିଁ । ସଚେତନତା ଏଥିପାଇଁ ମହୋଷୌଧି। ହିନ୍ଦୁ ବିବାହର ପବିତ୍ରତା ରକ୍ଷା ନ ହେବା ଅବୈଧ ଶିଶୁ ସନ୍ତାନକୁ ଜନ୍ମ ଦେଇଥାଏ ବୋଲି ସମାଜ ଦର୍ଶାଇଥାଏ।"



**ମମତା ରାଣି ସୁନ୍ଦରାୟ, ବେଗୁନିଆ**



"ଶିଶୁଙ୍କୁ ଜୀବନ୍ତ ଓ ମୃତ ଭାବରେ ଏଣେତେଣେ ଫୋପାଡିବା ଦ୍ୱାରା ସମାଜକୁ ଖରାପ ବାର୍ତ୍ତା ଯାଉଛି। ଶିଶୁର ଜୀବନ ପ୍ରତି ବିପଦ ରହୁଛି। ଏ ଦିଗରେ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ସଚେତନତା ସୃଷ୍ଟି କରାଯାଉଛି। ତଥାପି ବିଭିନ୍ନ ସ୍ଥାନରେ ମୃତ ଓ ଜୀବିତ ଅବସ୍ଥାରେ ଶିଶୁମାନଙ୍କୁ ଫୋପଡା ଯାଉଥିବା ଦେଖିବାକୁ ମିଳୁଛି। ବରଂ ସେମାନେ ଜିଲା ଶିଶୁ ସୁରକ୍ଷା ୟୁନିଟ୍‌କୁ ହସ୍ତାନ୍ତର କରନ୍ତୁ ।"

**ବାଣିଶ୍ରୀ ପଟ୍ଟନାୟକ, ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଅଧିକାରୀ**